ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ନଭେମ୍ବର ୧୪-୨୭, ୨୦୧୮

**ସ୍ମରଣୀୟ :** ଅସୀମ ବସୁ

**ବିଜ୍ଞାନ-ସାହିତ୍ୟ :** ଶଶିଭୂଷଣ ରଥ

**ପ୍ରଥମ ବହି :** ସୁମିତା ରାୟ ପଟ୍ଟନାୟକ

**ପହିଲି ପୁଲକ :** ସଂଘମିତ୍ରା ରଥ



# ସ୍ମୃତି

**ସୁମିତା ରାୟ ପଟ୍ଟନାୟକଙ୍କ ଜନ୍ମ ଜାମ୍‌ଶେଦ୍‌ପୁର ଟାଟା ସହରରେ। ଛାତ୍ରୀ ଜୀବନରୁ ସଙ୍ଗୀତ ଓ ଅଭିନୟରେ ରୁଚି ରଖିଥିବା ଏଇ କବୟିତ୍ରୀଙ୍କ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଓ ଆଦୃତ। 'ସ୍ମୃତି' ତାଙ୍କର ପ୍ରଥମ ପ୍ରକାଶିତ ବହି। ଏହି ବହି ପ୍ରକାଶର ଅପାସୋରା ଅନୁଭୂତିକୁ ସୁମିତ୍ରା ଏଥର କହି ବସିଛନ୍ତି ଏହି ସ୍ତମ୍ଭରେ...**



## ସୁମିତା ରାୟ ପଟ୍ଟନାୟକ

ପିଲାବେଳେ କ'ଣ ଲେଖିଥିଲି କି ଲେଖୁ ନ ଥିଲି ମନେନାହିଁ । କିଛି ନାଟକରେ ଅଭିନୟ କରୁଥିଲି। ଗାଁରେ ଥିବାବେଳେ ଗୀତମାଷ୍ଟ୍ରେ ନିଧି ସାର୍‌ଙ୍କଠୁଁ ହାର୍‌ମୋନିୟମ୍‌ରେ ଗୀତ ଶିଖୁଥିଲି। ମାଟ୍ରିକ୍ ପରେପରେ ବାହାଘର ହେଲା ଢେଙ୍କାନାଳର କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ପୁଅ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସହ ୧୯୮୧ରେ। ବାହାଘର ବେଳକୁ ସ୍ୱାମୀଙ୍କର ନିଜର ଅନୁଷ୍ଠାନ 'ଶିଳ୍ପୀ' ମାଧ୍ୟମରେ ନାଟକମାନ ଅଭିନୀତ ହେଉଥାଏ ।ପ୍ରତିବର୍ଷ ଏପ୍ରିଲ ୧୫ରେ ଶ୍ୱଶୁରଙ୍କର ଜୟନ୍ତୀ ପାଳନ ହେଉଥିବାରୁ ମନରେ ଉତ୍ସାହ ଆସିଲା। ସ୍ୱାମୀଙ୍କର କେତେକ ପୁସ୍ତକ ଦେଖି ମନ କହୁଥାଏ ମୋର ବି ଗୋଟେ ବହି ବାହାରନ୍ତା କି! ସ୍ୱାମୀଙ୍କର ଇଚ୍ଛା ବି ଏଇୟା ଥିଲା । ଇଆଡ଼େ ସିଆଡ଼େ ଇତସ୍ତତଃ ହୋଇ ରହିଥିବା କିଛି କବିତାକୁ ଏକାଠି କରି ଖାଲି ଗୋଟେ ସୂତାରେ ଜାଣନ୍ତୁ ବାନ୍ଧିଦେଲି। ବାସ୍, ହେଇଗଲା ବହି, ନାଁ ରହିଲା 'ସ୍ମୃତି'। ବହି ପ୍ରକାଶନର ସମସ୍ତ ଶ୍ରେୟ ଯିବ ଶିଳ୍ପୀ ଓ ତାଙ୍କର ବଡ଼ଝିଅ ମାମ୍‌ଙ୍କ ପାଖକୁ। ମାମ୍ ବହିର ସବୁଯାକ ମୁଦ୍ରଣ ଖର୍ଚ୍ଚ ବହନ କରିଛି। ତା' ବଡ଼ ପୁଅ ପ୍ରଚ୍ଛଦ ଆଙ୍କିଛି।




'ସ୍ମୃତି'ରେ ସ୍ଥାନିତ ଅନେକ କବିତା ଭୁବନେଶ୍ୱରରୁ ପ୍ରକାଶିତ। ଖୋଲାଦ୍ୱାର ଏବଂ ସ୍ଥାନୀୟ ପତ୍ରିକା ବିଭାବନା, ସତ୍ୟଦୀପ ଏବଂ କିଛି ସ୍ମରଣିକାରେ ପୂର୍ବରୁ ପ୍ରକାଶିତ। ପୁସ୍ତକଟିର ଉଦ୍‌ଘାଟନ ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ଆନୁକୂଲ୍ୟରେ ହୋଇଥିଲା। ଏବେ ଆଉ ଦୁଇଟି ପୁସ୍ତକ 'ଲୁହୁପିଙ୍କ ମଜା କବିତା' ଓ 'ସାଉଁଟା ଫୁଲ' ପ୍ରକାଶିତ ହୋଇଥିଲେ ମଧ୍ୟ ସ୍ମୃତିର କଥା ନିଆରା। ବିଭିନ୍ନ ସମୟରେ ସଭାସମିତିରେ କବିତାଟିଏ ପଢ଼ିବା ଓ ସମୟ ମିଳିଲେ ଲେଖିବାର ଆନନ୍ଦ ପାଏ। ଏହି 'ସ୍ମୃତି' ସବୁ ଦିନ ପାଇଁ ଏମିତି ସ୍ମୃତି ହୋଇ ରହିଥାଉ ଓ ପିଲାମାନେ, ନାତି ନାତୁଣୀମାନେ ଏହା ମାଧ୍ୟମରେ ମତେ ମନେ ରଖିଥା'ନ୍ତୁ।







## ଅମ୍ରିତା ପ୍ରୀତମ୍‌ଙ୍କ ସାରା ସାଗୁଫ୍ତା ଜୀବନର ଅଶ୍ଲୀଳ ଦଲିଲ୍...

ମହାଶୟା,

* ଅକ୍ଟୋବର ୧୭-୩୦ 'ସାହିତ୍ୟାୟନ'ରୁ ପ୍ରବାସିନୀ ମହାକୁଡ଼ଙ୍କ ଅନୂଦିତ ଅମ୍ରିତା ପ୍ରୀତମ୍‌ଙ୍କ 'ସାରା ସାଗୁଫ୍ତା' ପାଠ କରି କବି ଜୀବନ କିପରି ଦୁର୍ବିଷହ, ତାହା ଜାଣିଲି। ଏହା ଜୀବନର ଏକ ଅଶ୍ଲୀଳ ଦଲିଲ୍। ମୃତ ଶିଶୁକୁ କବର ଦେବାକୁ ଚାଦରଟିଏ କିଣିବାକୁ ଆସିବାରେ ଅସମର୍ଥା। ପୁଣି କବିତା ଲେଖିଲେ ବି ସମସ୍ତେ 'କବି' ହୋଇପାରନ୍ତି ନାହିଁ, ଏହି ନିଷ୍ଠୁର ସତ୍ୟକୁ ଜାଣିହେଲା। ରୁଚିହୀନ ଭାବେ ନିୟମିତ ଦାମ୍ପତ୍ୟ ସୁଖ ଉପଭୋଗ କରୁଥିବା 'କବି'ର ହତାଶପଣକୁ ସୁନ୍ଦର ଭାବେ ଏଥିରେ ଦର୍ଶାଯାଇଛି। 'ପ୍ରଥମ ବହି'ରେ ବିଜୟଲକ୍ଷ୍ମୀ ପରିଡ଼ା 'ଆଉ କେବେ କୁହନି ସେ କଥା', 'ପହିଲି ପୁଲକ'ରେ ସୀତେଶ ତ୍ରିପାଠୀଙ୍କ ଅନୁଭୂତି ଅନନ୍ୟ ମନେହେଲା । ସେ କବି ଶେଖରଙ୍କ 'ପଢ଼ିବ ଷୋଳପଣ-ଲେଖିବ ଚାରିପଣ' ଉକ୍ତିକୁ ପୂରାପୂରି ଆପଣେଇଛନ୍ତି। ଲିପ୍‌ସା ପଟେଲ 'ଜୀବନରେଖା'ରେ କଡ଼ ଲେଉଟାଉ ଥିବା ବେଳେ ପ୍ରଶାନ୍ତ କୁମାର ଦାଶ କିନ୍ତୁ 'ଅନ୍ଧାରି ମଣିଷ'ରେ ନୈରାଶ୍ୟରୂପକ ଦଣ୍ଡ ଘୂରାଇବାରେ ବ୍ୟସ୍ତ, ଅବଶ୍ୟ ସ୍ୱପ୍ନରେ। 'ଚୁମ୍ବନ' ମାଧ୍ୟମରେ ଡ. ରମାକାନ୍ତ ରାଉତ ବିବେକ ସହ ଚେତନ ଓ ଅବଚେତନକୁ ପରୀକ୍ଷା ନିରୀକ୍ଷା କରୁଛନ୍ତି। ସ୍ୱାଗତିକା ସେଠୀଙ୍କ 'ଦେବାଳୟ' ପଢ଼ିଲି, ମାତ୍ର ବିଦ୍ୟାଳୟ ଓ ଦେବାଳୟ ତୁଳନୀୟ ନୁହେଁ। ନାରୀଟିଏ ବିଦ୍ୟାଳୟକୁ ଯାଇପାରେ ନିତିଦିନ, ମାତ୍ର ଦେବାଳୟକୁ ନୁହେଁ। 'ସ୍ମରଣୀୟ' ପୃଷ୍ଠାରେ 'କନିଷ୍କ'ଙ୍କ 'ଅକାଳ ଅସ୍ତ' ଗଳ୍ପର ଦୁଃଖାନ୍ତ ପରିଣତି ଆଖିରେ ଲୁହ ଆଣିଲା। 'ପୁସ୍ତକ ପରିଚୟ' ଉଚ୍ଚାଙ୍ଗ ହୋଇପାରିଛି। କିଶୋର ମହାନ୍ତିଙ୍କ ଦ୍ୱାରା ରସ୍କିନ୍ ବଣ୍ଡ୍‌ଙ୍କ ଗଳ୍ପର ଅନୁବାଦ ଭଲ ଲାଗିଲା।

***– ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲି, ବ୍ରହ୍ମପୁର-୧୦, ଗଞ୍ଜାମ***

* ଭି.ଏସ୍. ନଇପଲ୍‌ଙ୍କ ଲେଖା ପଢ଼ିଲେ ତାଙ୍କ ସମ୍ବନ୍ଧରେ ମୋର ଧାରଣା ବଦଳିଯିବ ବୋଲି ଆପଣ ମୋ' ଚିଠିର ଉତ୍ତରରେ କହିଛନ୍ତି। ଭି.ଏସ୍. ନଇପଲ୍ ନିଶ୍ଚିତ ଭାବରେ ଜଣେ ଉଚ୍ଚକୋଟୀର ଲେଖକ। ତାଙ୍କ ଲେଖାର ମାନ ସେତେ ଉଚ୍ଚକୋଟୀର ନ ହୋଇଥିଲେ ବିଶ୍ୱବିଦିତ ନୋବେଲ ପୁରସ୍କାର ଆଦୌ ପାଇ ନ ଥାନ୍ତେ। ଜୀବନରେ ସବୁ ଲେଖକଙ୍କ ଲେଖା ପଢ଼ିବା ଆଦୌ ସମ୍ଭବ ନୁହେଁ। ଲେଖକଙ୍କ ସଂଖ୍ୟା ଅସୁମାରି। ସେମାନଙ୍କ କୃତି ବି ଅସୁମାରି। ସ୍ୱଳ୍ପ କାଳ ମଧ୍ୟରେ ସବୁ ଲେଖା ପଢ଼ିବା ସମ୍ଭବ କି? ଭି.ଏସ୍. ନଇପଲ୍ କେତେ ଲେଖା ଲେଖିଛନ୍ତି। ସେ ସବୁ ସଂଗ୍ରହ କରି ପଢ଼ିବା ଆଦୌ ସମ୍ଭବ ନୁହେଁ। ପଢ଼ିବା ପାଇଁ ବି ମୁଁ ବାଧ୍ୟ ନୁହେଁ। ମୁଁ ତାଙ୍କ ସାହିତ୍ୟକୃତିକୁ ଆଦୌ ନିନ୍ଦା କରୁନି। ମୋର କ୍ଷୋଭ କେବଳ ସେ ଆମ ମାତୃଭୂମିକୁ ନିନ୍ଦା କରିଥିବାରୁ ଏହା ମୋ' ପାଇଁ ଅସହ୍ୟ ହେଲା। ମୁଁ ବି କଟୁ ଭାଷାରେ ନିନ୍ଦା କରିନି। ନଇପଲ୍‌ଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ସାହିତ୍ୟକୃତି ଲାଗି ସେ ଯଶୋଦେହରେ ଚିର ଆୟୁଷ୍ମାନ୍ ହୋଇ ରହିବେ।

***– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ***

* 'ସାହିତ୍ୟାୟନ' (ଅକ୍ଟୋବର ୩୧-ନଭେମ୍ବର୧୩)ରେ ମନୋଜ ଦାସଙ୍କ ସହଧର୍ମିଣୀ, ସୁଲେଖିକା ପ୍ରତିଜ୍ଞା ଦେବୀଙ୍କ ସମ୍ପର୍କରେ ପ୍ରକାଶିତ ଆଲେଖ୍ୟଟି ଖୁବ୍ ମନୋଜ୍ଞ ହୋଇଛି। ଏଥିସହିତ ତାଙ୍କ ରଚିତ 'କ୍ଷୀରକୋଳି' ଗଳ୍ପଟିକୁ ପ୍ରକାଶ କରିଥିବାରୁ ଲେଖିକାଙ୍କ ସରଳ ଓ ମହନୀୟ ସୃଜନ-ଜୀବନ ସମ୍ପର୍କରେ ଜାଣିହେଲା। ପରିବେଶକୁ ନେଇ ପ୍ରଚ୍ଛଦଟି ସୁନ୍ଦର। ଏହା ପଶୁପକ୍ଷୀ ଓ ପ୍ରକୃତି ପ୍ରତି ଆମ ମନର ଶ୍ରଦ୍ଧାକୁ ବହୁଗୁଣିତ କରେ। 'ସ୍ମରଣୀୟ'ରେ ତରୁଣ ସାହୁଙ୍କ ଗଳ୍ପ 'ତାବିଜ', 'ଗୁଣ୍ଡୁଚିମୂଷା ଓ ପ୍ରେମ' ଯେତିକି ଉପଭୋଗ୍ୟ, ସେତିକି ଶିକ୍ଷଣୀୟ ବି। ଡ. ସୁଲୋଚନା ଦାସଙ୍କ ରମ୍ୟ-ଆଲେଖ୍ୟ 'ସରଳତାର ସୌନ୍ଦର୍ଯ୍ୟ' ଗଭୀର ମନେହେଲା। 'ପୁସ୍ତକ ପରିଚୟ'ରେ ଶାରଦୀୟ ପତ୍ରିକାର ସମୀକ୍ଷା ସ୍ଥାନିତ କରି ଆମକୁ ଏସବୁ ପତ୍ରିକା ସମ୍ପର୍କରେ ଅବଗତ ହେବାର ସୁଯୋଗ ଦେଲେ।

***– ବଂଶୀଧର ରଣା, ଆନନ୍ଦପୁର, କେନ୍ଦୁଝର***

* 'ସାହିତ୍ୟାୟନ'ର ଅକ୍ଟୋବର ୩୧ ସଂଖ୍ୟା ବହୁ ଅମୂଲ୍ୟ ଲେଖାରେ ସମୃଦ୍ଧ। ବିଶେଷକରି ଡ. ମଣୀନ୍ଦ୍ର କୁମାର ମେହେରଙ୍କ ପ୍ରସ୍ତୁତ ପ୍ରତିଜ୍ଞା ଦେବୀଙ୍କ ସମ୍ପର୍କୀୟ ଲେଖାଟି ନାନା ଦୃଷ୍ଟିରୁ ଲେଖିକାଙ୍କୁ ଜାଣିବାର ଏକ ସୁଯୋଗ। କବିତାରେ ମୃଣାଳଙ୍କ ଅନୂଦିତ ତିନିଟି ହିନ୍ଦୀ କବିତା ଉଚ୍ଚମାନର। ପ୍ରଚ୍ଛଦରେ ବାଇଚଢ଼େଇର ବସାଘର ଓ ଅନ୍ୟାନ୍ୟ ପକ୍ଷୀ ତଥା ପଶୁଙ୍କ ଚିତ୍ର ପରିବେଶ ପ୍ରତି ଆମ ସମସ୍ତଙ୍କ ମନରେ ରହିଥିବା ଆଗ୍ରହକୁ ଉଦ୍ଦୀପିତ କରେ। ପତ୍ରିକାର ପୃଷ୍ଠା ସଂଖ୍ୟା ବଢ଼ାଇବାକୁ ଅନୁରୋଧ।

***– ସୁବାସ ଚନ୍ଦ୍ର ଦାଶ, ପିପିଲି, ପୁରୀ***

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

## ବିଜ୍ଞାନ-ସାହିତ୍ୟ



ବାରୀ ସି. ବରିଶ୍



କିପ୍. ଏସ୍. ଥୋର୍ଣ୍ଣ



ରେଇନର ୱାଇସ

# ମହାକାଶ କୂଜନ

**ଶଶିଭୂଷଣ ରଥ**

୨୦୧୭ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ଘୋଷଣା କରାଯାଇଥିଲା ସେହିବର୍ଷ ଅକ୍ଟୋବର ୩ ତାରିଖରେ। ଯୁକ୍ତରାଷ୍ଟ୍ର ଆମେରିକାର ରେଇନର ୱାଇସ୍, ବାରୀ ସି. ବରିଶ୍ ଓ କିପ୍. ଏସ୍. ଥୋର୍ଣ୍ଣଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଥିଲା।

ୱାଇସଙ୍କ ୧୯୩୨ରେ ଜର୍ମାନୀର ବର୍ଲିନରେ ଜନ୍ମ, ବରିଶଙ୍କ ୧୯୩୬ରେ ଆମେରିକାର ଓମାହାରେ ଜନ୍ମ ଓ ଥୋର୍ଣ୍ଣଙ୍କ ୧୯୪୦ରେ ଆମେରିକାର ଲୋଗାନ୍‌ରେ ଜନ୍ମ। ଏହି ତିନି ଜଣ ହେଉଛନ୍ତି ଆମେରିକାରେ ଜ୍ୟୋତିର୍ପଦାର୍ଥ ବିଜ୍ଞାନର ଗବେଷକ। ଲିଗୋ (ଲେଜର ଇଣ୍ଟରଫାରୋମିଟର ଗ୍ରାଭିଟେସନାଲ-ଗୱେଭ୍ ଅବଜରଭେଟୋରୀ) ଏକ ଅତି କ୍ଷମତାସମ୍ପନ୍ନ ପରୀକ୍ଷାଗାର, ଯେଉଁଥିରେ ୨୦ଟି ଦେଶରୁ ହଜାରେ ଗବେଷକ ନିରନ୍ତର କାର୍ଯ୍ୟରତ। ଏହି ତିନି ଜଣ ପଦାର୍ଥବିଜ୍ଞାନୀ ବିଗତ ୪୦ ବର୍ଷ ଧରି ଗବେଷଣା କରିବା ପରେ ମହାକର୍ଷଣୀୟ ତରଙ୍ଗ ଆବିଷ୍କାର କଲେ ୧୪ ସେପ୍ଟେମ୍ବର ୨୦୧୫ରେ।

ଏହିତରଙ୍ଗ ଏବଂ ଏହାର ଅବସ୍ଥିତିବିଷୟରେ ଆଇନ୍‌ଷ୍ଟାଇନ୍ ଶହେବର୍ଷ ତଳେ ପ୍ରାକ୍‌ସୂଚନା ଦେଇଥିଲେ। ସେ କହିଥିଲେଯେ, ତେର ହଜାର ଲକ୍ଷ ବର୍ଷ ପୂର୍ବେ ମହାକାଶରେ ଦୁଇଟି କୃଷ୍ଣଗର୍ତ୍ତ (ବ୍ଲାକ୍‌ହୋଲ୍)ର ତୀବ୍ର ସଂଘାତରୁ ସୃଷ୍ଟ ମହାକର୍ଷଣୀୟ ତରଙ୍ଗ ଧରାପୃଷ୍ଠରେ ପହଞ୍ଚିବ। ୨୦୧୫ରେ ଯନ୍ତ୍ରଦ୍ୱାରା ଏହା ଧରାପଡ଼ିଲା। ଆଇନ୍‌ଷ୍ଟାଇନ୍‌ଙ୍କ ଅନୁମାନ ସତ୍ୟ ପ୍ରମାଣିତ ହେଲା।

ଏହି ତରଙ୍ଗ ଅତ୍ୟନ୍ତ ଦୁର୍ବଳ ହେଲେ ମଧ୍ୟ ମଣିଷର ଗଭୀର ଅନୁସନ୍ଧିତ୍ସା ଓ ପରିଶ୍ରମ ଯୋଗୁ ଏ ଗବେଷଣା ସଫଳ ହୋଇଚି। ଜ୍ୟୋତିର୍ପଦାର୍ଥ ବିଜ୍ଞାନରେ ଏହା ଏକ ବିପ୍ଳବ ସୃଷ୍ଟି କରିଛି। ମହାକାଶରୁ ନିରନ୍ତର ନିର୍ଗତ ଅନେକ ପ୍ରକାର ତରଙ୍ଗର କୋଳାହଳ ମଧ୍ୟରେ ଏ ପ୍ରକାର ଦୁର୍ବଳ ତରଙ୍ଗ ହଜିଯିବା ଅସମ୍ଭବ ନୁହେଁ, କିନ୍ତୁ ତା'ର ଗତି ଆଲୋକର ଗତି ସହ ସମାନ ଓ ବିଶ୍ୱର ସର୍ବଦିଗରେ ପ୍ରବହମାନ ବୋଲି ଆଇନ୍‌ଷ୍ଟାଇନ୍ କହିଥିଲେ ଏବଂ ସୂଚାଇଥିଲେଯେ, ଏହି ତରଙ୍ଗ ମଧ୍ୟରେ ଅନେକ ସୂଚନା ଗବେଷକମାନେ ପାଇବେ ସୃଷ୍ଟିର ରହସ୍ୟ ସମ୍ପର୍କରେ। ଜ୍ୟୋତିର୍ପଦାର୍ଥ ବିଜ୍ଞାନରେ ଗବେଷଣାର ଅନେକ ପ୍ରଶ୍ନ ଉନ୍ମୋଚନ କରିବ ୨୦୧୫ର ଏ ଆବିଷ୍କାର।

ମହାକର୍ଷଣୀୟ ତରଙ୍ଗ ବିଷୟରେ ୧୧ ଫେବୃୟାରୀ ୨୦୧୬ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରି ନ ଥିଲେ ଏହି ବୈଜ୍ଞାନିକ ତ୍ରୟ। ତାଙ୍କର ଅନ୍ୟ ଏକ ଆବିଷ୍କାର ହେଲାଯେ ବ୍ଲାକ୍‌ହୋଲ ବା କୃଷ୍ଣଗର୍ତ୍ତ ବିରଳ ନୁହେଁ। ମହାକାଶରେ ବିଶାଳ କୃଷ୍ଣଗର୍ତ୍ତ ସଂଖ୍ୟା କମ୍; କିନ୍ତୁ ମଧ୍ୟମ ଆକାରର କୃଷ୍ଣଗର୍ତ୍ତର ସଂଖ୍ୟା ଅନେକ, ସେଗୁଡ଼ିକ ଆମ ସୂର୍ଯ୍ୟଠାରୁ ୩୦ ରୁ ୬୦ ଗୁଣ ବଡ଼। ଏବଂ ସେମାନେ ପରସ୍ପର ସାଥିରେ ମିଶି ଯାଆନ୍ତି ବିନା ସଂଘାତରେ। କିନ୍ତୁ ଯେତେବେଳେ ସଂଘାତ ହୁଏ, ଏତେ କମ୍ପନ ସୃଷ୍ଟି ହୁଏ, ପରିସର ଓ ସମୟ (ସ୍ପେସ୍ ଆଣ୍ଡ ଟାଇମ୍) ମଧ୍ୟ ବିକ୍ଷିପ୍ତ ହୋଇଯାଏ ଏବଂ ବିଶ୍ୱର ଚତୁର୍ଦ୍ଦିଗରେ ମହାକର୍ଷଣୀୟ ତରଙ୍ଗ ନିରନ୍ତର ପ୍ରବାହିତ ହୋଇଯାଏ, ସରୋବରରେ ଛୋଟ ପଥରଟିଏ ପଡ଼ିଲେ ଯେପରି ହୁଏ। ଲିଗୋ ମାଧ୍ୟମରେ ଏହି ତରଙ୍ଗର ଧ୍ୱନିକୁ ମଧ୍ୟ ଶୁଣି ଅନୁଧ୍ୟାନ କରାଯାଇପାରେ ମହାକାଶ କୂଜନକୁ।

ଯେତେବେଳେ ପ୍ରଥମେ ଆଇନ୍‌ଷ୍ଟାଇନ୍ ଏ ବିଷୟରେ ଅନୁମାନ କରିଥିଲେ, ସେ ଭାବୁଥିଲେଯେ ତାଙ୍କ ଚିନ୍ତାଧାରା ଏକ ଗାଣିତିକ ଇନ୍ଦ୍ରଜାଲ, କାରଣ କୃଷ୍ଣଗର୍ତ୍ତ ବା ମହାକର୍ଷଣୀୟ ତରଙ୍ଗକୁ ସହଜରେ ଆବିଷ୍କାର କରିହେବ ନାହିଁ ; କାରଣ ତନ୍ମଧ୍ୟରୁ କୌଣସି ଆଲୋକ ନିର୍ଗତ ହୁଏ ନାହିଁ।

ଆର୍ଥର୍ ଏଡିଙ୍ଗଟନ୍ କହୁଥିଲେ- ''ମହାକର୍ଷଣୀୟ ଗତି ଚିନ୍ତନର ଗତି ପରି। ଏହାକୁ ଧରିବା ସମ୍ଭବ ନୁହେଁ।'' ୧୯୭୦ରେ ଅବଶ୍ୟ ଜୋସେଫ୍ ଟେଲର ଓ ରସେଲ ହଲ୍‌ସ ଦ୍ୱୈତ ତାରକାର ସ୍ଥିତି ବିଷୟରେ ଗବେଷଣା କରି ମହାକର୍ଷଣୀୟ ତରଙ୍ଗର ସମ୍ଭାବ୍ୟ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ ଓ ସେମାନଙ୍କୁ ୧୯୯୩ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ତରଙ୍ଗ ବିଷୟରେ ଅଧିକ ଗବେଷଣା ବିଶ୍ୱବ୍ରହ୍ମାଣ୍ଡର ଅତୀତ ବିଷୟରେ ଆଲୋକପାତ କରିବ। ପକ୍ଷୀ କୂଜନ ପରି ମହାକାଶ କୂଜନ ଗବେଷଣାର ଏକ ନୂତନ ପ୍ରସଙ୍ଗ। କେହିକେହି ବୈଜ୍ଞାନିକ କହୁଛନ୍ତି, ଏହି କୂଜନ କୃଷ୍ଣଗର୍ତ୍ତର ଶେଷସ୍ୱନ। ଏହି ଯୁଗାନ୍ତକାରୀ ମହାକର୍ଷଣୀୟ ତରଙ୍ଗକୁ Gw 150914 ଭାବେ ନାମିତ କରାଯାଇଛି। ଇଟାଲୀର ପିସାରେ ଥିବା ଗବେଷଣାଗାରରୁ ମଧ୍ୟ ସମ ପ୍ରକାର ସୂଚନା ମିଳିଛି ମହାକର୍ଷଣୀୟ ତରଙ୍ଗର ସ୍ଥିତି ସମ୍ପର୍କରେ।



କୃଷ୍ଣଗର୍ତ୍ତ

ଚିର ମନନଶୀଳ ମଣିଷ ଆହୁରି ଅନୁରୂପ ଅନେକ ଆବିଷ୍କାର କରିବ ଏବଂ ବିଜ୍ଞାନ ମାଧ୍ୟମରେ ବିଶ୍ୱବ୍ରହ୍ମାଣ୍ଡର ଦୃଶ୍ୟପଟ ଆମ ପାଇଁ ଆହୁରି ସ୍ପଷ୍ଟ ହେବ। ଏହି ପରିପ୍ରେକ୍ଷୀରେ ୧୯ ଅକ୍ଟୋବର ୧୯୧୦ରେ ଅବିଭକ୍ତ ଭାରତବର୍ଷର ଲାହୋରରେ ଜନ୍ମିତ ସୁବ୍ରମନ୍ୟନ ଚନ୍ଦ୍ରଶେଖରଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ। କୃଷ୍ଣଗର୍ତ୍ତ ସମ୍ପର୍କରେ 'ଚନ୍ଦ୍ରଶେଖର ଲିମିଟ୍' ଏବେ ବି ଉଦ୍ଧୃତ ହୁଏ ପଦାର୍ଥବିଜ୍ଞାନୀଙ୍କ ଦ୍ୱାରା। ୧୯୮୩ରେ ତାଙ୍କୁ ଜ୍ୟୋତିର୍ପଦାର୍ଥ ବିଜ୍ଞାନରେ ତାରକାମାନଙ୍କ ଗଠନ ଓ ଉଦ୍‌ବର୍ତ୍ତନ ସମ୍ପର୍କୀୟ ଗବେଷଣା ପାଇଁ ଫାଉଲରଙ୍କ ସହ ନୋବେଲ ପୁରସ୍କାର ଦିଆଯାଇଥିଲା। ୧୯୭୫ରେ ତାଙ୍କୁ ଦେଖିବାର ଓ କଥାବାର୍ତ୍ତା କରିବାର ସୁଯୋଗ ମିଳିଥିଲା ମୋତେ ପଦାର୍ଥ ବିଜ୍ଞାନ ଛାତ୍ର ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ।

-ଏନ୍-୧, ଏ/୩୨, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୧୫



## ମିନି ଗଳ୍ପ

# ଗୁଣ୍ଡା

**-ସତ୍ୟବ୍ରତ ସାହୁ**

ସେଦିନ ଡ୍ୟୁଟି ସାରି ଫେରୁଥାଏ। ଉପରଓଳି ସମୟ। ଦେଖିଲି ରାସ୍ତାକଡ଼ରେ ଜଣେ ସ୍ତ୍ରୀ ଲୋକ ଘଷି ପାରୁଥିଲେ। ଘଷି ନୁହେଁ ତ ଗୋବରକୁ ଛୋଟଛୋଟ ଟେଳା କରି ଖରାରେ ଶୁଖାଉଥାନ୍ତି। ଯେମିତି ତାହା ଶୀଘ୍ର ଶୁଖିଯିବ। ତାହାକୁ ଆମେ ଗୁଣ୍ଡା କହୁ। ସାହିର ଆଉ ଜଣେ ସ୍ତ୍ରୀ ଲୋକ ଆସି ପଚାରିଲେ, ଆଲୋ ଏବେ କ'ଣ ଗୁଣ୍ଡା ପାରୁଛୁ? ସ୍ତ୍ରୀ ଲୋକ ଜଣକ କହିଲେ, ଘରଟାଯାକର କାମ ପଡ଼ିଥିଲା। ସବୁ କାମ ସାରି ଆସିଲି। କାଲି ପାରିଥିଲେ ହୋଇନଥାନ୍ତା ଯେ ଏ ବେଳ ଗଡ଼ିଗଲା ବେଳକୁ ଆସିଛୁ! କହିଲେ ଆର ସ୍ତ୍ରୀ ଲୋକ ଜଣକ। ଏଥର ଏ ସ୍ତ୍ରୀ ଲୋକ ଜଣକ କହିଲେ, ''କ'ଣ କରିବି ନାନୀ, ଆଜି ନ ଶୁଖାଇଲେ କାଲିକି ପରା ମୋ' ଛୁଆମାନେ ଓପାସ ରହିଯିବେ।'' ଆମେ ସିନା ଭୋକ ସହିଯିବୁ, ହେଲେ ଛୁଆମାନେ କ'ଣ ସହିପାରିବେ? ଗୁଣ୍ଡା ନ ଶୁଖିଲେ ରୋଷେଇ କେମିତି କରିବି ଯେ! କଥାଟା ମୋ' ହୃଦୟକୁ ଭେଦ କରିଗଲା ଯେମିତି! ଭାବିଲି, ସତରେ ମା'ର ହୃଦୟ କେଡ଼େ ଉଦାର! ମୋ' ଆଖି ଟିକିଏ ଜକେଇ ଆସିଲା। ସେ ମା'କୁ ମନେମନେ ସେଇଠି ପ୍ରଣାମ କଲି।

- ପଲ୍ଲାସାହି,
କମାଳପୁର, ଅହିୟାସ,
ଯାଜପୁର



> ମାତ୍ରାଧିକ ଅଳଙ୍କାର ନାଟକକୁ ଚାପିଦିଏ...
> — ଅସୀମ ବସୁ

# ବହୁମାନ ଅସୀମ

ସୀମନ୍ତ ମହାନ୍ତି

ଜାତୀୟ ଖ୍ୟାତିସଂପନ୍ନ ଚିତ୍ରକର, ନାଟ୍ୟ-ପୁରୁଷ ଅସୀମ ବସୁ। ସମକାଳରେ ସମସ୍ତେ ଡାକନ୍ତି ଅସୀମ ଦା'। ତାଙ୍କ ଭିତରେ ଚିତ୍ରକଳା ଓ ନାଟ୍ୟକଳାର ମୂଳଦୁଆ ପଡ଼ିଥିଲା ପିଲାଟିଦିନୁଁ। ଗାଁ ବାଲେଶ୍ୱର ଜିଲା ଚନ୍ଦନେଶ୍ୱର ପାଖ କଖଡ଼ା। ଘରେ ସଂଜ ହେଲେ ବସୁଥିଲା ସଂଗୀତ ଆସର। ଦାଦାମାନଙ୍କ ସାଂଗରେ ଜୁଟି ଯାଉଥିଲେ ଅନ୍ୟ କଳାକାରମାନେ। ସାନକକା ଗୀତ ବୋଲନ୍ତି, ଜଣେ ତବଲାବାଦକ, ଜଣେ ଓସ୍ତାଦ୍ ଓ ଆଉ ଜଣେ ଥିଲେ ମୋଶନ୍ ମାଷ୍ଟର। ଓସ୍ତାଦ୍ ନାଚ, ଗୀତ, ଅଭିନୟ ସବୁ ଶିଖେଇ ପାରୁଥିବା ବେଳେ ମୋଶନ୍ ମାଷ୍ଟର କେବଳ ଅଭିନୟ ଶିଖାନ୍ତି। ଜଣେ ଓସ୍ତାଦ୍ ଥିଲେ ଆଦ୍ୟା ପଣ୍ଡା। ସେ ଘରକୁ ଆସି ମାସେ ପନ୍ଦର ଦିନ ରହନ୍ତି। ତାଙ୍କ ନିର୍ଦ୍ଦେଶନାରେ ଆଖଡ଼ା ଚାଲେ। ବାଳୁତ ଅସୀମ ଦା' ବସିବସି ସବୁ ଦେଖନ୍ତି। ଚରିତ୍ରମାନଙ୍କ ସଂଳାପ ଶୁଣିଶୁଣି ମନେ ରଖିଦିଅନ୍ତି। ଖୁଡ଼ୀମାନଙ୍କଠୁଁ ଚା ପାନ ଆଣି କଳାକାରମାନଙ୍କୁ ଦିଅନ୍ତି। କାଳୀମନ୍ଦିର ପଡ଼ିଆରେ ବହୁ ଦୃଶ୍ୟ ସମ୍ବଳିତ ସିନ୍‌ଟଣା ନାଟକ ହୁଏ।

ଚିତ୍ର ଆଙ୍କିବା ମଧ୍ୟ ସେ ସେତିକିବେଳୁ ଆରମ୍ଭ କରିଥିଲେ। କ୍ୟାଲେଣ୍ଡରର ଚିତ୍ରକୁ ନକଲ କରୁଥିଲେ, ନିଜ କଳ୍ପନାରୁ ମଧ୍ୟ ଆଙ୍କୁଥିଲେ। ଗାଁର ରାଧାନାଥ ଶତପଥୀ (କଟିଆ କକା) ଚିତ୍ରାଙ୍କନ ପାଇଁ ତାଙ୍କୁ ଉତ୍ସାହିତ କରୁଥିଲେ। ସେ ଦାଣ୍ଡରେ ଗୀତ ଗାଇଗାଇ ଗଲାବେଳେ ଗୀତ ଶୁଣି ବାଳୁତ ଅସୀମ ବସୁ ଧାଇଁ ଆସି ଆଙ୍କିଥିବା ଚିତ୍ରକୁ ତାଙ୍କୁ ଦେଖାଉଥିଲେ, ଚିତ୍ରର ନାମକରଣ ବି ସେ କରି ଦେଉଥିଲେ।

ଗାଁ ଚାଟଶାଳୀ ପରେ ଦାଦା ମାମୁଘର ବାଲେଶ୍ୱରରେ ଚତୁର୍ଥ ଶ୍ରେଣୀରେ ପଢ଼ିଲା ବେଳେ ପ୍ରଥମେ 'ଆଲେକ୍‌ଜାଣ୍ଡାର୍' ନାଟକରେ ଅଭିନୟ କଲେ। ଏକକାଳୀନ ତିନୋଟି ଚରିତ୍ରରେ। ଘରୁ ଶାଢ଼ି ଆଣି ସେମାନେ ମଂଚର ଦୁଇପାଖ ଉଇଙ୍ଗ୍‌ସ ଓ ଉପର ବର୍ଡର ତିଆରି କରୁଥିଲେ। ଟିଣ କାଟି ସେଥିରେ ରଂଗ ଦେଇ ଚିକ୍‌ଚିକ୍ କରି ପଦକ ତିଆରି କରି ନିଜନିଜ ଭିତରେ ପିନ୍ଧାପିନ୍ଧି ହେଉଥିଲେ।

ବାପା ମୋତିଲାଲ୍ ଓ ମାଆ ବିଜନବାଳା ବସୁଙ୍କର ଦ୍ୱିତୀୟ ସନ୍ତାନ ଥିଲେ ଅସୀମ। ୧୯୩୨ ମସିହା କୁମାରପୂର୍ଣ୍ଣିମା (ଲକ୍ଷ୍ମୀପୂଜା) ତିଥିରେ ସେ ମାମୁଘର ବାଲେଶ୍ୱର ସହରରେ ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ସରକାରୀ ସାର୍ଟିଫିକେଟ୍‌ରେ ଜନ୍ମ ତାରିଖ ୧୯୩୫ ନଭେମ୍ବର ୩୦ ତାରିଖ ବୋଲି ଉଲ୍ଲେଖ ଅଛି।

ବାଲେଶ୍ୱରରୁ ଅସୀମ ଦା' ପୁରୀ ଆସି ଆଂଗ୍ଲୋ ବେଙ୍ଗଲୀ ସ୍କୁଲ (ବର୍ତ୍ତମାନର ବିଶ୍ୱମ୍ଭର ବିଦ୍ୟାପୀଠ)ରେ ପଞ୍ଚମ ଶ୍ରେଣୀରେ ପଢ଼ିଲେ। ସେଠି ବର୍ଷେ ପଢ଼ିବା ପରେ ବାଲେଶ୍ୱର ଜିଲା ସ୍କୁଲରେ ଷଷ୍ଠ, ସପ୍ତମ ପଢ଼ି ପୁଣି ପୁରୀରେ ଆସି ଅଷ୍ଟମ ପଢ଼ିଲେ। ଏଠି ତାଙ୍କର ପରିଚୟ ହେଲା ଅସିତ୍ ମୁଖାର୍ଜୀଙ୍କ ସାଙ୍ଗେ। ସେ ମଧ୍ୟ ଚିତ୍ର ଆଙ୍କୁଥିଲେ ଆଉ ପରବର୍ତ୍ତୀ କାଳରେ ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଓ ପ୍ରଚ୍ଛଦ ଶିଳ୍ପୀ ଭାବେ ସୁନାମ ଅର୍ଜନ କଲେ। ତାଙ୍କ ବାପା ମଧ୍ୟ ଆର୍ଟିଷ୍ଟ ଥିଲେ। ଦାଦା ବେଳେବେଳେ ତାଙ୍କ ଘରକୁ ଯାଇ ତାଙ୍କ ବାପା ଚିତ୍ରରେ କିପରି ରଂଗ ଲଗାଉଛନ୍ତି ସେ କଥା ଦେଖି ଆସୁଥିଲେ।

ଅନୁଗୋଳରେ ନବମ, ଦଶମ ଓ ଏକାଦଶ ପଢ଼ିଲାବେଳେ ଦାଦା ଇଚ୍ଛାଧୀନ ବିଷୟ ଭାବେ ଡ୍ରଇଂ ନେଇଥିଲେ। ସ୍କୁଲର ଡ୍ରଇଂ ଶିକ୍ଷକ ଚତୁର୍ଭୁଜ ମହାନ୍ତିଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ସେ ବିଭିନ୍ନ ଡ୍ରଇଂ ପ୍ରତିଯୋଗିତାରେ ଭାଗ ନେଉଥିଲେ। ବାଲେଶ୍ୱର ଜିଲା ସ୍କୁଲରେ ପଢ଼ିଲାବେଳେ ସେ ଜଣେ ବାବାଜୀଙ୍କ ବହିର ପ୍ରଚ୍ଛଦ କେବଳ ପେନ୍‌ସିଲ୍‌ରେ 'କେତେଗୁଡ଼େ ପାଦଚିହ୍ନ ସ୍ୱର୍ଗକୁ ଯାଇଥିବା' ଆଙ୍କିଥିଲେ ଏବଂ ସେ ବହି ଛପା ମଧ୍ୟ ହୋଇଥିଲା। ଅନୁଗୋଳରେ ପଢ଼ିଲାବେଳେ ବଡ଼ଭାଇ ଅମିୟ ବସୁଙ୍କ ରଚିତ 'ବ୍ୟର୍ଥ ତାଜ୍' ବହିର ପ୍ରଚ୍ଛଦ ଆଙ୍କିଥିଲେ। ସେଠି ପଢ଼ିଲାବେଳେ 'ବେକାର' ଓ ଓଡ଼ିଆରେ ଅନୁବାଦ ହୋଇଥିବା ରବୀନ୍ଦ୍ରନାଥ ଠାକୁରଙ୍କ ବଙ୍ଗଳା 'ଡାକଘର' ନାଟକରେ ଅଭିନୟ କରିଥିଲେ। ଅନ୍ନପୂର୍ଣ୍ଣା ଥିଏଟର-ଏ ର ସିନ୍‌ଟଣା ବହୁଦୃଶ୍ୟ ସମ୍ବଳିତ ନାଟକ ଦେଖିବାର ସୁଯୋଗ ସେ ପାଇଥିଲେ। ଚିତ୍ରିତ ସିନ୍ ସବୁ ତାଙ୍କୁ ସତସତିକା ଲାଗିଥିଲା। ୧୯୫୨ ମସିହାରେ ସେ ସେଠୁ ମାଟ୍ରିକ୍ ପାସ୍ କଲେ। ସେଦିନୁ ତାଙ୍କ ଭିତରେ ଚିତ୍ର ଓ ନାଟ୍ୟକଳା ଭଳି ଦୁଇଟି ସମାନ୍ତରାଳ ସୃଜନଧାରା ପ୍ରବାହିତ ହେବାକୁ ଆରମ୍ଭ କରିଥିଲା।

ସେଠୁ ଆସି ଦାଦା ବାଲେଶ୍ୱର ଫକୀରମୋହନ କଲେଜରେ ପଢ଼ିଲେ। ଏଠି ଅନନ୍ତ ପଣ୍ଡାଙ୍କ ସଙ୍ଗେ ପରିଚିତ ହେଲେ। ଏନ୍.ସି.ସି. କ୍ୟାମ୍ପ୍‌ରେ ଖୋର୍ଦ୍ଧା ଆସିଥିବାବେଳେ ତାଙ୍କ ସଙ୍ଗେ ପାହାଡ଼ ଉପରେ ବସି ପ୍ରକୃତିର ଦୃଶ୍ୟ ଆଙ୍କିଥିଲେ। ପ୍ରକୃତିକୁ ଦେଖି ଆଙ୍କିବା କଥା ତାଙ୍କଠାରୁ ଶିଖିଲେ। ଅନନ୍ତ ପଣ୍ଡା ପରବର୍ତ୍ତୀ ସମୟରେ ଜଣେ ଦକ୍ଷ ଚିତ୍ରଶିଳ୍ପୀ ରୂପେ ସୁନାମ ଅର୍ଜନ କରିଥିଲେ। ଫକୀରମୋହନ କଲେଜରେ ମାତ୍ର ବର୍ଷେ ପଢ଼ିଲା ପରେ ଦାଦା କଲିକତାର କଲେଜ ଅଫ୍ ଆର୍ଟ ଆଣ୍ଡ ଡ୍ରାଫ୍ଟମ୍ୟାନ୍‌ଶିପ୍ କଲେଜରେ ପାଞ୍ଚବର୍ଷ ବ୍ୟାବହାରିକ କଳା ପଢ଼ି ୧୯୫୯ ମସିହାରେ ପ୍ରଥମ ଶ୍ରେଣୀରେ ଡିପ୍ଲୋମା ଲାଭ କଲେ।

ସେହିବର୍ଷ କଟକ ଫେରି ଆସି ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସରେ ଚାକିରି ଆରମ୍ଭ କଲେ। ତା' ସାଂଗକୁ ରାଜ୍ୟର ସବୁଠୁଁ ବଡ଼ କଳା ପ୍ରତିଷ୍ଠାନ 'ଶିଳ୍ପପୁରୀ'ରେ ମଧ୍ୟ ସହକାରୀ ଚିତ୍ରକର ଭାବେ ୧୯୬୧ ମସିହା ପର୍ଯ୍ୟନ୍ତ ନିୟୋଜିତ ହେଲେ। ୧୯୬୧ ମସିହାରେ ଭୁବନେଶ୍ୱର ଆସି ସରକାରୀ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଚାକିରି କଲେ। କିନ୍ତୁ ସେଠାକାର ଧରାବନ୍ଧା ନୀତିନିୟମ ଭିତରେ ବନ୍ଦୀ ହୋଇ ରହିପାରିଲେନି। ୧୯୬୭ ମସିହାରେ ଚାକିରି ଛାଡ଼ିଦେଲେ। କଳାକୁ ଜୀବିକା କରିବାକୁ ସାହସ ବାନ୍ଧି ସେହିବର୍ଷ 'ରୂପକାର' ଅନୁଷ୍ଠାନ ଗଢ଼ିଲେ। ଆରମ୍ଭ ହେଲା ଜୀବନ ଯୁଦ୍ଧ। କ୍ରମେ ଚିତ୍ର ଓ ନାଟ୍ୟକଳା-ଦୁଇ ସମାନ୍ତରାଳ ଧାରାର ମିଳନ ହେଲା। ଉଭୟ ଉଭୟଙ୍କୁ ଭରସା କରି ପରସ୍ପର ଉପରେ ଆଶ୍ରା ପାଇଁ ଆଉଜି ପଡ଼ିଲେ। ତାଙ୍କ ଚିତ୍ରକଳା ରୂପାୟିତ ହେଲା ନାଟ୍ୟକଳା ମାଧ୍ୟମରେ, ମଂଚ ସଜ୍ଜାରେ। ଅନେକ ନାଟକରେ ଅସରନ୍ତି ମଂଚ ସର୍ଜିଲେ ଅସୀମ ଦା'। ଦୃଶ୍ୟପଟର ଅବିକଳ ନକଲ ତିଆରି ଚାଲିଲା। ମଂଚସଜ୍ଜା ମାଧ୍ୟମରେ ସୂଚିତ ହେଲା ନାଟକୀୟ ସମୟ। ଚରିତ୍ରମାନଙ୍କ ଗୁଣ, ଆଚରଣ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ। ଋତୁମାନେ ରୂପାୟିତ ହେଲେ। ନାଟକର ତତ୍ତ୍ୱ ବା ମୁଖ୍ୟ ଭାବକୁ ଆଧାର କରି ଦୃଶ୍ୟପଟ ସର୍ଜନା ହେଲା ବା' ନାଟକର ଭାବ-ତତ୍ତ୍ୱ ପ୍ରକାଶ ପାଇଲା ଦୃଶ୍ୟପଟ ମାଧ୍ୟମରେ। ତିଆରି ହେଲା ସୁସଜ୍ଜିତ ସୁରମ୍ୟ ପ୍ରାସାଦଠାରୁ ଆରମ୍ଭ କରି ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡ୍। କଖାରୁ ଡଙ୍କ ଲଟେଇଥିବା ଗାଁ ଚାଳଘରଠୁଁ ପଲିଥିନ୍‌ଘେରା ସହରତଳି ବସ୍ତି। ଗାଁମୁଣ୍ଡ ଏକୁଟିଆ ବରଗଛଠାରୁ ଜଙ୍ଗଲ। ଘରର ଅଗଣା ବାରିଠାରୁ ଆଧୁନିକ ପାର୍କ। ଏମିତି କେତେ ନାହିଁ କେତେ ଦୃଶ୍ୟପଟ।

କାଠ, କଣ୍ଟା, କଳା, ରଂଗ, ତୂଳୀର ରଂଗିନ୍ ଜୀବନ। ତଥାପି ସେ କହୁଥିଲେ, ''ଅଳଙ୍କାର ନାଟକର ବିଷୟବସ୍ତୁକୁ ଚାପି ଦେଇଥାଏ। ତେଣୁ ତା'ର ମାତ୍ରା ନିର୍ଦ୍ଧାରଣ କରି ପ୍ରୟୋଗ କରିବା ଉଚିତ।'' କେତେକେତେ ଘର ଅଗଣା ତିଆରି ହୁଏ ନାଟକ ପାଇଁ। ହେଲେ ନିଜ ପାଇଁ ଘର ଖଣ୍ଡେ ନ ଥାଏ। ଭଡ଼ାରେ ରହନ୍ତି ପିଲା ପରିବାରଙ୍କୁ ନେଇ। ଆଜି ଏଠି ତ କାଲି ସେଠି। ଉଠାପକା କଷ୍ଟକର ଜୀବନ। ସେଥିରେ ପୁଣି ସୌଖୀନ୍ ଏବଂ ଗ୍ରୁପ୍ ଥିଏଟର, ଯାହାକୁ ସେ ଅଙ୍ଗୀକାରବଦ୍ଧ ନାଟଦଳ କହୁଥିଲେ, ସ୍ୱଳ୍ପ ପାରିଶ୍ରମିକରେ, କେବେକେବେ ବିନା ପାରିଶ୍ରମିକରେ ମଧ୍ୟ ସେ ଦୃଶ୍ୟପଟ ନିର୍ମାଣ କରିଦେଉଥିଲେ। ଅଙ୍ଗୀକାରବଦ୍ଧ ନାଟ୍ୟ ଦଳଗୁଡ଼ିକୁ ଏହିପରି ସାହାଯ୍ୟ ସହଯୋଗ ଜାରି ରଖିଥିଲେ।

ନାଟକରେ ଅଭିନୟ ସହିତ ସେ ଅନେକ ସଫଳ ନାଟକର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ 'ଫେରିବାର ସମୟ' ନାଟକରେ ମୁଗ୍ଧ ଦର୍ଶକ ଏକ ନୃତ୍ୟ ଦୃଶ୍ୟରେ ମଂଚ ଉପରକୁ ପଇସା ପକେଇବା ଏ ଲେଖକ ଦେଖିଛନ୍ତି। ଓଡ଼ିଶା ନାଟ୍ୟ ସଂଘର ସଭାପତି ପଦ ସହିତ ଆହୁରି ଅନେକ ଅନୁଷ୍ଠାନର ବିଭିନ୍ନ ପଦପଦବୀ ସେ ଅଳଙ୍କୃତ କରିଥିଲେ। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ସାଂଗକୁ ଆହୁରି ଅନେକ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଶା ଲଳିତକଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ତାଙ୍କ ସପକ୍ଷରେ ଘୋଷଣା ହୋଇସାରିଥିଲା ; କିନ୍ତୁ ସେ ତାହା ଗ୍ରହଣ କରିବା ଆଗରୁ ଇହଲୀଳା ସମ୍ବରଣ କରିଥିଲେ।

ନିରବଝଡ଼, ସଉତୁଣୀ, ଜଗାବଳିଆ, ଦାଦାଗିରି, ତାରା, ମୁକ୍ତିତୀର୍ଥ, ଅଗ୍ନିବୀଣା, ଅଗ୍ନି ସଂକେତ, ବିଶ୍ୱପ୍ରକାଶ ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବା ସହିତ ଯାଯାବର, ସଉତୁଣୀ, ଜୟ ମା' ମଙ୍ଗଳା, ତଅପୋଇ, ନିଝୁମ୍ ରାତିର ସାଥୀ, ଶୋଧ(ହିନ୍ଦୀ), ଡୋରା, ପରଝିଅ ଘର ଭାଙ୍ଗେନା, ଅଗ୍ନି ସଂକେତ, ମୁକ୍ତିତୀର୍ଥ, ବତାସୀ ଝଡ଼, ରଣଭୂମି ଏବଂ ଇନ୍ଦ୍ରଧନୁର ଛାଇ ଆଦି ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶନା ଦେଇଥିଲେ। ଚଳଚ୍ଚିତ୍ର କଳା ନିର୍ଦ୍ଦେଶନା ପାଇଁ କିନ୍ତୁ କେବେ ବି ମନବଳେଇ ନ ଥିଲେ। ସେ ଚଳଚ୍ଚିତ୍ର ଜଗତକୁ ସଂପୂର୍ଣ୍ଣ ରୂପେ ଆଦରି ନେଇଥିଲେ। ଭୁବନେଶ୍ୱରର ନାଟ୍ୟ ଅନୁଷ୍ଠାନମାନେ ମଂଚସଜ୍ଜା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତେ ବୋଲି ସେ କେତେଥର କହିବା ଏ ଲେଖକ ଶୁଣିଛନ୍ତି। ନାଟକ, ଚଳଚ୍ଚିତ୍ର, ଦୂରଦର୍ଶନ ଓ ବେତାର ମାଧ୍ୟମରେ ନିଜକୁ ନିମଜ୍ଜିତ ରଖି ଆଗେଇ ଚାଲୁଚାଲୁ ସାରା ରାଜ୍ୟର କଳା ଜଗତରେ ସମସ୍ତଙ୍କର ସେ ପାଲଟି ଯାଇଥିଲେ ସମ୍ମାନର ଅସୀମ ଦା'। ଯା' ଭିତରେ ଚିତ୍ରକଳାର ବ୍ୟାବହାରିକ ଦିଗର ସଦୁପଯୋଗ କରି ସେ ପୁସ୍ତକର ପ୍ରଚ୍ଛଦ ଅଙ୍କନ କ୍ଷେତ୍ରରେ ମଧ୍ୟ ଆଦୃତି ଲାଭ କରିଥିଲେ। ଏଥିରେ ତାଙ୍କର ଭରି ରହୁଥିଲା ଆଧୁନିକ ନାନ୍ଦନିକତାର ସ୍ନିଗ୍ଧ ସୂକ୍ଷ୍ମ ସ୍ପର୍ଶ। ଅଳଙ୍କରଣ ମାଧ୍ୟମରେ ସାହିତ୍ୟ ପତ୍ରିକାମାନଙ୍କୁ ଅଧିକ ସେ ରୁଚିପୂର୍ଣ୍ଣ ତଥା ଆକର୍ଷଣୀୟ କରିପାରୁଥିଲେ। ଓଡ଼ିଶାର ସମାଜ, କଳା, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ସେ ପ୍ରଜ୍ଞାପନ ମେଢ଼ ମଧ୍ୟ ତିଆରି କରୁଥିଲେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ସାଧାରଣତନ୍ତ୍ର ଦିବସରେ।

'ସ୍ୱରବର୍ଣ୍ଣ' ନାମକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ସାଧାରଣ ଜନତାଙ୍କ ଦ୍ୱାରା କବିତା ଆବୃତ୍ତି ନିମନ୍ତେ। ଏତିକିରେ ନିଃଶେଷ ହୋଇଯାଇ ନ ଥିଲା ତାଙ୍କ ସୃଜନ-ସାମର୍ଥ୍ୟ ବରଂ ଚିତ୍ର ଓ ନାଟ୍ୟକଳା ସହିତ ଅଶେଷ ସଂପୃକ୍ତି ଏବଂ ଗଭୀର ଜୀବନାନୁଭୂତିରୁ ସାହିତ୍ୟ ରଚନାର ଉନ୍ନତ ଧାରାଟିଏ ସୃଷ୍ଟି ହୋଇପାରିଥିଲା। 'କଥାରେ କଥାରେ', 'କ୍ୟାକ୍‌ଟସ୍‌ର ଫୁଲ', 'ଜୀବନ ଯାହା ଯେମିତି' ଏବଂ 'ସାନକୁହା' ଆଦି ପୁସ୍ତକ ରଚନା କରିଯାଇଛନ୍ତି ସେ। ସ୍ୱଳ୍ପ ହେଲେ ବି ସୁଖପାଠ୍ୟ। 'କଥାରେ କଥାରେ' ସଂକଳନ ପାଇଁ ତାଙ୍କୁ ମିଳିଛି 'ଭାଷା ଭାରତୀ' ସମ୍ମାନ। ଯେଉଁ ସୃଜନକଳା ତାଙ୍କ ବାପା କକାମାନଙ୍କ ନିକଟରୁ ତାଙ୍କ ପାଖକୁ ସଂଚରି ଆସିଥିଲା, ସେହି ଈଶ୍ୱରୀୟ ଗୁଣ ସଂଚରିଯାଇଛି ତାଙ୍କ ସନ୍ତାନମାନଙ୍କ ନିକଟକୁ। ବଡ଼ଝିଅ ଅତସୀ ସୁଦକ୍ଷା ଚିତ୍ରକର। ପୁତ୍ର ଗୌତମ ମୂକାଭିନୟ ସହ ଭଲ ଫଟୋଗ୍ରାଫର୍। ସାନଝିଅ ଭାସ୍ୱତୀ ଜଣେ ସଫଳ ଅଭିନେତ୍ରୀ। ସାହିତ୍ୟ ଅନୁରକ୍ତା ବି!

– ୪୬, ଶହୀଦ ନଗର, ଭୁବନେଶ୍ୱର

## ସ୍ମରଣୀୟ

**ଅସୀମ ବସୁ (୧୯୩୨-୨୦୧୭) ଏକାଧାରରେ ଚିତ୍ରଶିଳ୍ପୀ, ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର, ମଞ୍ଚ କାରିଗର ଓ ଲେଖକ। ଦିନଥିଲା ଭୁବନେଶ୍ୱରର ସୌଖୀନ୍ ମଞ୍ଚରେ ପାଦପ୍ରଦୀପ ଜଳିଉଠିବା ମାତ୍ରେ ଯେଉଁ ଚେହେରାଟି ପ୍ରାୟତଃ ଥିଲା ଦୃଶ୍ୟମାନ, ତାହା ଥିଲା ଅସୀମ ବସୁଙ୍କର। ସଦା ହସହସ ସ୍ଥିତପ୍ରଜ୍ଞ ସେଇ ଅସୀମ ଦା'ଙ୍କୁ ନେଇ ଏଥରର ଏଇ 'ସ୍ମରଣୀୟ' ପୃଷ୍ଠା...**



'ଅଥଚ ଚାଣକ୍ୟ' ନାଟକର ଏକ ଦୃଶ୍ୟରେ ଅସୀମ ଦା' ଓ ଭାସ୍ୱତୀ...

## ଅସୀମ ବସୁଙ୍କ କବିତା
# ବାରୁଦର ଗନ୍ଧ ଡେଇଁ

ବାରୁଦର ଗନ୍ଧ ଡେଇଁ
ଆସୁନାହିଁ ଏ ବସନ୍ତେ
ଫୁଲର ମହକ
ଧର୍ମଘଟ ସ୍ଲୋଗାନ୍‌ରେ
ଏ ବସନ୍ତେ ହଜିଯାଏ
କୋଇଲିର ଡାକ

ଅବିରର ରକ୍ତ ଆଭା
କେବେଠାରୁ ଶୋଷିଛି ତ
କାରଗିଲ୍ ମାଟି
ସନ୍ତ୍ରାସର କଳା ହାତ
ଏ ବସନ୍ତେ ରୁଦ୍ଧ କରେ
ଶିଶୁର ଦରୋଟି

ବସନ୍ତେ ମଳୟ ନାହିଁ
ନିଦାଘର କଷାଘାତେ
ଲୁଣ୍ଠିତ ଫସଲ
ହା' ଅନ୍ନର ହାହାକାରେ
ଏ ବସନ୍ତେ ଶୁଭେ ଖାଲି
କ୍ରନ୍ଦନର ରୋଳ

କଣ୍ଢେଇର ହସ ହସି
ଆମେ ସବୁ ଏ ବସନ୍ତେ
ଉତ୍ସବ ପାଳୁଛୁ
ପ୍ଲାଷ୍ଟିକ୍ ଫୁଲର ତୋଡ଼ା
ଚିତ୍ରର କୋଇଲି ଦେଖି
କବିତା ଲେଖୁଛୁ।



## ଅସୀମ ବସୁଙ୍କ ଗଳ୍ପ
# ପଦ୍ମ ପରାଗ




ସ୍ପିଡ଼୍ପୋଷ୍ଟରେ ଆସିଥିବା ଲମ୍ବା ଲଫାପା ଭିତରର ଚିଠିଟି ପଢ଼ି ସନାତନ ବାବୁ ଆନନ୍ଦରେ କୁରୁଳି ଉଠିଲେ। ଏତେ ଦିନରେ ଜୀବନ ସାର୍ଥକ ହୋଇଗଲା। ଏତେ ଦିନକେ ଯାଇ ଏ ଦେଶ ଏ ଜାତି ତାଙ୍କୁ ଚିହ୍ନିଲା। 'ଅନନ୍ୟ ଚିନ୍ତନ' ସଂସ୍ଥା ତରଫରୁ ତାଙ୍କୁ 'ପଦ୍ମ ପରାଗ' ଉପାଧିରେ ଭୂଷିତ କରାଯିବ ରାଜଧାନୀର ଜୟଦେବ ମଣ୍ଡପରେ ଆସନ୍ତା ତେଇଶ ତାରିଖ ଶନିବାର ଦିନ। ସେଇ ଦିନଠୁଁ ତାଙ୍କ ନାଁ ସାଙ୍ଗରେ ଯୋଡ଼ା ହୋଇଯିବ 'ପଦ୍ମ ପରାଗ'। ଆଃ! ଭାବିଲାବେଳକୁ ଦେହ ଶୀତେଇ ଉଠୁଛି। ସେ ଆଉ ନିଜକୁ ସମ୍ଭାଳି ରଖି ପାରିଲେନି। ସାମ୍‌ନାରେ ଟି-ପୟ ଉପରେ ପଡ଼ିଥିବା ଗୋଟାଏ ପୁରୁଣା ପତ୍ରିକା ଟାଣି ଆଣି ତା' ଉପରେ ପଦ୍ମ ପରାଗ ଲଗାଇ ନିଜ ନାଁଟା ଲେଖିବାକୁ ବାହାରିଲେ। ହେଲେ ସେଥିରେ ସେ ପଦ୍ମ-ପ ଲେଖିଛନ୍ତି କି ନାହିଁ ତାଙ୍କ ସ୍ତ୍ରୀ ସୁଲୋଚନା ଦେବୀ ହାଁ... ହାଁ... କରି ମାଡ଼ି ଆସିଲେ। ସନାତନ ବାବୁ ସେଇ 'ପ' ପାଖରେ ଅଟକି ଯାଇ ମୁଣ୍ଡ ଟେକି ସୁଲୋଚନା ଦେବୀଙ୍କୁ ଚାହିଁଲେ।

ହଇ ହେ! ବୁଢ଼ାଟିଏ ହେଲଣି। ଏଯାଏଁ ପ୍ରକୃତି ଗଲାନି? ସୁଲୋଚନା ଦେବୀ ଖଂକାରି ଉଠିଲେ।

ସନାତନ ବାବୁ କିଛି ବୁଝି ନ ପାରି ପଚାରିଲେ- କାହିଁକି, କ'ଣ କଲିକି?

ଆହୁରି ପଚାରୁଛ କ'ଣ କଲି? ଦେଖ, ତମ ହାତରେ ସେଇଟା କ'ଣ? ସୁଲୋଚନା ଦେବୀଙ୍କର କଥା ଶୁଣି ସନାତନ ବାବୁ ମୁଣ୍ଡ ତଳକୁ କରି ଦେଖିଲେ ସେ ଗୋଟାଏ ସିନେମା ପତ୍ରିକାର ପ୍ରଚ୍ଛଦରେ ଛପା ହେଇଥିବା ଅଧାଲଙ୍ଗଳା ଝିଅର ଜଂଘ ଉପରେ ଲେଖିଛନ୍ତି- ପଦ୍ମପ।

ଟିକିଏ ଲାଜେଇ ଯାଇ କହିଲେ- କଥା କ'ଣ କି, ଚିଠି ଖଣ୍ଡେ ଆସିଛି ମତେ 'ପଦ୍ମ ପରାଗ' ଦିଆହେବ ବୋଲି। ସେଇଥିପାଇଁ ନିଜ ନାଁ ଆଗକୁ 'ପଦ୍ମ ପରାଗ' ଲେଖିଲେ କେମିତି ଦିଶିବ ଲେଖି ଦେଖୁଥିଲି।

ପଦ୍ମ ପରାଗ ନାଁ ଶୁଣି ସୁଲୋଚନା ଦେବୀଙ୍କର ରାଗ ଉଭେଇ ଗଲା। ସେ ଆଗରୁ ପଦ୍ମଶ୍ରୀ, ପଦ୍ମ ଭୂଷଣ ଓ ପଦ୍ମ ବିଭୂଷଣ କଥା ଶୁଣିଥିଲେ। ତେଣୁ ଗଦଗଦ ହୋଇ ପଚାରିଲେ- ଏଇ ପରାଗଟା ପଦ୍ମଶ୍ରୀ ଉପରେ ନା ତଳେ? ସନାତନ ବାବୁ ଟିକିଏ ବାଆଁରେଇ କହିଲେ- ସେଇ ପାଖାପାଖି ଆଉ କ'ଣ।

ଯାହାହଉ, ଏତେ ଦିନ ପରେ ଭଗବାନ୍ ମୁହଁ ଟେକି ଚାହିଁଲେ। ଏତକ କହି ଦି' ହାତ ଯୋଡ଼ି ସୁଲୋଚନା ଦେବୀ ମୁଣ୍ଡରେ ଲଗେଇଲେ। ତା'ପରେ ଉଠିଗଲେ ସନାତନ ବାବୁଙ୍କ ପାଇଁ ଆଉ କପେ ଚାହା କରି ଆଣିବାକୁ।

ସନାତନ ବାବୁଙ୍କ ମନ ଛଟପଟ। କଥାଟା ରବୀନ୍ଦ୍ର ମଣ୍ଡପ ସାମ୍‌ନା ଯୋଉଠି ତାଙ୍କର ସବୁଦିନିଆ ଆଡ୍ଡା ସେଠି ସୁଶାନ୍ତ ଚାହା ଦୋକାନକୁ ଯାଇ ବନ୍ଧୁମାନଙ୍କୁ ଜଣେଇବା ପାଇଁ। ତେଣୁ ଚାହାତକ ପିଇ ଦେଇ ମୋଟରସାଇକେଲ ଧରି ସିଧା ଆସି ପହଞ୍ଚିଲେ ସୁଶାନ୍ତ ଚାହା ଦୋକାନରେ। ହେଲେ କଥାଟା ଉଠେଇବେ କେମିତି?

କିଛି ସମୟ ଭାବି ଉପାୟ ବାହାର କରି କହିଲେ- ଆଜି ମତେ ଟିକେ ଜଲ୍‌ଦି ଫେରିବାକୁ ପଡ଼ିବ ଦୁଇଶହ ଟଙ୍କାର ମିଠା ଧରି। ତମ ଭାଉଜଙ୍କ ବରାଦ।

'ଦୁଇଶହ ଟଙ୍କାର ମିଠା? କଥା କ'ଣ ସନାତନ ବାବୁ?' କଥାଟା ଏକା ସାଙ୍ଗରେ ଦି' ଚାରି ଜଣଙ୍କ ମୁହଁରୁ ବାହାରି ଆସିଲା।

ସନାତନ ବାବୁ ଏଥର ଚିଠିଟି କାଢ଼ି ହରେନ୍ ହାତକୁ ବଢ଼େଇ ଦେଇ କହିଲେ- ଏଇ ଚିଠିଟା ପାଇଁ। ତମ ଭାଉଜ ସାଇପଡ଼ିଶାରେ ବାଣ୍ଟିବେ ତ ତେଣୁ ଦୁଇଶହ ଟଙ୍କାର। ହରେନ୍ ବଡ଼ ପାଟିରେ ଚିଠିର ବିଷୟବସ୍ତୁ ସମସ୍ତଙ୍କୁ ଶୁଣେଇ ଦେଲା ପରେ ଏକ ମିଳିତ ଜୟଧ୍ୱନି ବାହାରି ଆସିଲା ସମସ୍ତଙ୍କ ମୁହଁରୁ। ତା'ପରେ ନୀଳକଣ୍ଠ କହିଲା- ଭାଉଜ ସିନା ସିଆଡ଼େ ମିଠା ବାଣ୍ଟିବେ ହେଲେ ଆମ କଥା? ଆମର ସେ ମିଠାଫିଠାରେ ଚଳିବନି। କୁକୁଡ଼ା ଆସିବ, କୁକୁଡ଼ା। ଆସର ଚଳଚଞ୍ଚଳ ହେଇଉଠିଲା। କାଗଜ ଆସିଲା, ତାଲିକା ହେଲା ସମସ୍ତଙ୍କ ପାଇଁ ନ ହେଲେ ବି କେଇଜଣଙ୍କ ପାଇଁ ପାନୀୟ ବି ହିସାବରେ ରହିଲା। ସେଇଠି ଦିନବେଳା ରୁଟି ଡାଲ୍‌ମା ଦୋକାନ କରୁଥିବା ସୀମାଞ୍ଚଳକୁ ଡାକି ରାତି ପାଇଁ ବରାଦ କରାହେଲା। ସନାତନ ବାବୁ ପକେଟ୍‌ରୁ ପାଞ୍ଚଶହ ଟଙ୍କାର ନୋଟ୍‌ଟିଏ ହରେନ୍ ହାତକୁ ବଢ଼େଇ ଦେଇ କହିଲେ- ବାକି ସନ୍ଧ୍ୟାବେଳେ ଦେବି।

ଆସର ଭାଙ୍ଗିଲା ପ୍ରାୟ ଦିନ ଦେଢ଼ଟାରେ। ସନାତନ ବାବୁ ଘରକୁ ଆସି ଦେଖିଲେ ଘରେ ଗୋଟାଏ ଛୋଟକାଟିଆ ସଭା ବସିଛି। ଶ୍ରୋତା ସାହିପଡ଼ିଶାର ସ୍ତ୍ରୀ ଲୋକମାନେ। ବକ୍ତା ସୁଲୋଚନା ଦେବୀ। ସୁଲୋଚନା ଦେବୀ ତାଙ୍କ ସ୍ୱାମୀଙ୍କର ଗୁଣଗାନ କରୁଛନ୍ତି। ତାଙ୍କ ଚିତ୍ରକଳା, ସାହିତ୍ୟ, ନାଟ୍ୟକଳା ପାଇଁ ସେ କେତେକେତେ ସ୍ଥାନରୁ ସମ୍ମାନିତ ହୋଇଛନ୍ତି ତା'ର ତାଲିକା ବଖାଣୁଛନ୍ତି। ସନାତନ ବାବୁ ପହଞ୍ଚିଲାରୁ ସବୁ ଚୁପ୍‌ଚାପ୍ ହୋଇଗଲେ। ଆଗରୁ ଚୁପ୍‌ଚାପ୍ ଘରେ ସେ ଆସିଲେ ପାଟିତୁଣ୍ଡ ହଉଥିଲା। ଆଜି ପ୍ରଥମ କରି ସେ ଦେଖିଲେ ଠିକ୍ ଓଲଟା ହେଲା। ସେ ଜାଣିଲେ ଏସବୁ ସେଇ 'ପଦ୍ମ ପରାଗ'ର ଗୁଣ।

ତେଇଶ ତାରିଖ ସନ୍ଧ୍ୟାରେ ସଜବାଜ ହେଇ ଟ୍ୟାକ୍ସିଟିଏ ଭଡ଼ା କରି ଯାଇ ପହଞ୍ଚିଲେ ଜୟଦେବ ଭବନରେ। ଟ୍ୟାକ୍ସିବାଲାକୁ ଆଗରୁ ଭଡ଼ା ଦେଇ ଦେଇଥିଲେ। ତେଣୁ ସେ ଚାଲିଗଲା। ପୋର୍ଟିକୋ ତଳେ ଯେଉଁମାନେ ଠିଆ ହୋଇଥିଲେ, ସେମାନଙ୍କ ଭିତରୁ ଦି'ଜଣ ଆଗେଇ ଆସି ନମସ୍କାର କରି ସନାତନ ବାବୁଙ୍କୁ ପାଛୋଟି ନେଲେ ଭି.ଆଇ.ପି. ରୁମ୍ ଭିତରକୁ। ସେଠି ଯାଇ ସନାତନ ବାବୁ ଦେଖିଲେ ସାତ ଆଠ ବର୍ଷର ଝିଅଠୁଁ ସତୁରି ବର୍ଷର ବୁଢ଼ାଯାଏଁ ପ୍ରାୟ ବାର, ଚଉଦ ଜଣ ବସିଛନ୍ତି 'ପଦ୍ମ ପରାଗ' ପାଇବେ ବୋଲି। ସନାତନ ବାବୁ ତାଙ୍କରି ଗହଣରେ ଚଉକିଟିଏ ଦଖଲ କରି ବସିଗଲେ। ସଭା ଏବେ ଆରମ୍ଭ ହେବ, ଏବେ ଆରମ୍ଭ ହେବ ହେଇହେଇ ପ୍ରାୟ ଘଣ୍ଟାଏ ସମୟ ଗଡ଼ିଗଲା ପରେ କର୍ମକର୍ତ୍ତାଙ୍କ ଭିତରୁ ଦି'ଜଣ ଆସି ସନାତନ ବାବୁଙ୍କ ପାଖରେ ଠିଆ ହେଲେ।

''ସାର୍! ଆମ ଚିଫ୍‌ଗେଷ୍ଟ ବିଶେଷ କାମରେ ଅଟକି ପଡ଼ିଥିବାରୁ ଆସିପାରିବେନି ବୋଲି ଖବର ପଠେଇଛନ୍ତି। ତେଣୁ ଦୟାକରି ଆପଣ ଆଜିର ମୁଖ୍ୟଅତିଥିର ଆସନ ଅଳଂକୃତ କଲେ ସଭା କାର୍ଯ୍ୟ ଚାଲିପାରନ୍ତା।'' କର୍ମକର୍ତ୍ତାଙ୍କ ଭିତରୁ ଜଣେ ଅନୁରୋଧ ଜଣେଇଲେ। ସନାତନ ବାବୁ ଆଉ କରନ୍ତେ କ'ଣ। ତେଣେ ବସିବସି ବିରକ୍ତ ଲାଗିଲାଣି। ବାଧହେଇ 'ହଁ' ଭରିଲେ। ସେଇଠୁ ସେଇ କର୍ମକର୍ତ୍ତାମାନେ ତାଙ୍କୁ ପାଛୋଟି ନେଲେ ମଞ୍ଚକୁ।

ସଭାକାର୍ଯ୍ୟ ଆରମ୍ଭ ହେଲା। ଫୁଲତୋଡ଼ା ଦେବା ପରେ ଅତିଥି ପରିଚୟ ଆରମ୍ଭ ହେଲାରୁ ସନାତନ ବାବୁ ସଭାପତି ଏବଂ ଅତିଥିମାନଙ୍କୁ ଜାଣିଲେ। ସଭାପତି ଜଣେ ଅବସରପ୍ରାପ୍ତ ଶିକ୍ଷକ। ଅନ୍ୟ ଅତିଥିମାନଙ୍କ ଭିତରୁ କିଏ ବ୍ୟାଙ୍କର ଉଚ୍ଚପଦସ୍ଥ କର୍ମଚାରୀ ତ କିଏ ଜଣେ ବେଶ୍ ନାଁ କମେଇଥିବା ବିଲ୍ଡର। ଅତିଥି ପରିଚୟ ପରେ ସମ୍ପାଦକ ପନ୍ଦର ପୃଷ୍ଠାର ଏକ ବାର୍ଷିକ ବିବରଣୀ ହାତରେ ଧରି ମାଇକ୍ ପାଖକୁ ଗଲେ। ଆଉ ଠିକ୍ ସେତିକିବେଳେ ତାଡ଼ାଏ ମାନପତ୍ର ଧରି ଜଣେ କର୍ମକର୍ତ୍ତା ସନାତନ ବାବୁଙ୍କ ପାଖରେ ପହଞ୍ଚିଲେ। କ'ଣ ନା ଦସ୍ତଖତ ହେବ ମୁଖ୍ୟ ଅତିଥିଙ୍କର। ଦସ୍ତଖତ କରୁକରୁ ସନାତନ ବାବୁ ଦେଖିଲେ ସେଇ ତାଡ଼ା ଭିତରେ ତାଙ୍କ ନାଁ ବି ରହିଛି। ସବୁତକ ଦସ୍ତଖତ କରିସାରିଲା ପରେ ସେ ସଭାପତିଙ୍କ ଅନୁମତି ନେଇ ବାହାରକୁ ଆସିଲେ ଖଣ୍ଡେ ସିଗାରେଟ୍ ଟାଣିବାକୁ। ଆଜିକାଲି ତ ପବ୍ଲିକ୍ ପ୍ଲେସ୍‌ରେ ସିଗାରେଟ୍ ଟାଣିବା ମନା। ତେଣୁ ସିଗାରେଟ୍‌ଟି ଲଗେଇ ନେଇ ଗୋଟାଏ ଅନ୍ଧାରୁଆ କୋଣ ଦେଖି ଠିଆ ହେଲେ ସନାତନ ବାବୁ। ଦେଖିଲେ ଟିକିଏ ଦୂରରେ ହଲ୍ ଭିତରେ ଚାହା ବାଣ୍ଟୁଥିବା ଟୋକା ଆଉ ଫୁଲ ଦେଇ ହଲ୍ ସଜେଇଥିବା ଦୋକାନୀ ଟୋକା କଥା ହଉଛନ୍ତି।

ଫୁଲ ଦୋକାନୀ ଟୋକା କହିଲା- ଦେଖିଲୁ ତ ମଣ୍ଟୁ! ଅବସ୍ଥା କ'ଣ ହେଲାଣି।

ମଣ୍ଟୁ ପ୍ରଶ୍ନ କଲା- କ'ଣ ହେଲାକି ନାଲୁ ଭାଇ?

କ'ଣ ହେଲା ଦେଖୁଲୁନି? ଯଉ ଲୋକ ପଦ୍ମ ପରାଗ ପାଇବ ତା' ମାନପତ୍ରରେ ସେ ନିଜେ ଦସ୍ତଖତ କରୁଛି। ଆମ ଅମଳରେ, ମାନେ ଆମେ ଯେତେବେଳେ ପଦ୍ମ ପରାଗ ପାଇଥିଲେ ସେତେବେଳେ କ'ଣ ଏମିତି ହୋଇଥିଲା? ନାଲୁ ଉତ୍ତର ଦେଲା।

ସନାତନ ବାବୁ ଜାଣିଲେ ଏମାନେ ସବୁ ଆଗରୁ 'ପଦ୍ମ ପରାଗ' ପାଇ ସାରିଛନ୍ତି। ସିଗାରେଟ୍ ସେଇଠି ପକେଇ ଦେଲେ ସନାତନ ବାବୁ। ତା'ପରେ ଆଉ ହଲ୍ ଭିତରକୁ ନ ଯାଇ ରାସ୍ତା ଉପରକୁ ଆସି ରିକ୍ସା ଧରିଲେ।

ହଲ୍ ଭିତରୁ ମାଇକ୍‌ରେ ଏତିକିବେଳେ ଥରକୁ ଥର ଗୋଟିଏ ନାଁ ଶୁଭୁଥାଏ- ସନାତନ ଦାସ- ସନାତନ ଦାସ।

ରମ୍ୟ ରଚନା

# ଆଜି ରବିବାର



– ବିଜୟ ଦାସ

ସିନ୍ଦୁରା ଫାଟିବା ବେଳା। ତାହା ହିଁ ଦିନ, ବାରର ଆରମ୍ଭ। କୋଉଠି କୋଉଠି ବିଗତ ଦିନର ରାତି ବାରଟା ପରଠାରୁ ଦିନର ଆରମ୍ଭ ବୋଲି ଧରିନିଆଯାଏ। ତାହା କ'ଣ ଗ୍ରହଣୀୟ! ହୁଏତ ତାରିଖର ଆରମ୍ଭ ହେଇପାରେ, ହେଲେ ବାରର ନୁହେଁ। ଚଢ଼େଇମାନଙ୍କର କିଚିରିମିଚିରି ଶବ୍ଦ ଓ ଫଡ଼ଫଡ଼ ଡେଣାରୁ ବୁଝାଯାଏ ଅଳସ ଭାଙ୍ଗି ଚାଲିଯାଉଛି ଶେଷ ପ୍ରହରର ଜହ୍ନ ଅବା ପାହାନ୍ତି ତାରା। ସୁପ୍ତିର ଅର୍ଦ୍ଧଚେତନ ଅବସ୍ଥାରୁ ଆସି ଚେତନା ଭୂଇଁରେ ପହଞ୍ଚିଲେ ମନେପଡ଼େ ବାରର ନାଆଁ।

ଆଜି ରବିବାର। ରବିବାରର ସକାଳ। ଚା ଆଉ କଫି କପରୁ ଧୂମାୟିତ ବାଷ୍ପ ହିଁ ବାସ୍ନା ଭରିଦିଏ ଛୁଟିଦିନର ଫୁଲଦାନିରେ। ମନରେ ଅଫୁରନ୍ତ ଆନନ୍ଦ, ବାପା ବୋଉ ଏବେ ଆସି ପହଞ୍ଚିବେ ଗାଆଁରୁ। ସହଧର୍ମିଣୀଙ୍କ ବୀତସ୍ପୃହ ଉଜାଙ୍ଗ କଣ୍ଠରୁ ବୁଝାଯାଏ– ପୁଅକୁ ଡ୍ରଇଂ କ୍ଲାସ୍‌ରେ ଠିକ୍ ସମୟରେ ଛାଡ଼ିବାର ଅଛି। ବାପା ବୋଉ ସେ ସମୟରେ– କ'ଣ ଅଟୋ କରି ଆସିପାରିବେନି! ହେଲେ ଛଅ ମାସ ହେଲା ଏ ଘରେ ଡେରା ପକେଇଥିବା ଶାଳକ କ'ଣ ଭଣଜାକୁ ଡ୍ରଇଂ କ୍ଲାସ୍‌ରେ ଛାଡ଼ି ପାରିବନି। କିନ୍ତୁ ଆଜି ରବିବାର ଯେହେତୁ ତା' ନିଦ ବାରଟାରେ ଭାଙ୍ଗିବ।

ଗତ ରବିବାର ଶାଶୁଶ୍ୱଶୁର ଆସିଥିଲେଯେ ଘଣ୍ଟାଏ ଆଗରୁ ଷ୍ଟେସନରେ ପହଞ୍ଚିବାକୁ ପଡ଼ିଥିଲା। ସେଦିନ କିନ୍ତୁ ପୁଅର ଡ୍ରଇଂ କ୍ଲାସ୍ ବନ୍ଦ ରଖିବାକୁ ହେଲା। ଅଜାଆଈଙ୍କୁ ପାଛୋଟିବାକୁ ମା'ର ପଣତ ତଳେ ଅନେକ ଶିଷ୍ଟାଚାର ଇଂଲିଶ୍ କାଇଦାରେ ଶିଖିବାକୁ ହେଲା ତାକୁ। ସେଦିନ ରବିବାରରେ ନିରାମିଷ ଓ ଆମିଷର ନଅଟିଅଣ ଛ'ଭଜା ପରଷା ହେଲାବେଳେ ଆଜି କିନ୍ତୁ କ'ଣ ଗୋଟେ ତିଥି ପଡ଼ିଛିଯେ ଅଳ୍ପ ଉପବାସ ଆଉ ଅଳ୍ପ ଆହାରରେ ରବିବାର ବିତିବ। ହେ ନାରାୟଣ, ହେ ସୂର୍ଯ୍ୟଦେବ! ଭିନ୍ନ ରବିବାରରେ ଭିନ୍ନଭିନ୍ନ ପୂଜାବିଧି କାହିଁକି ପ୍ରଭୁ!

ଆଜି ରବିବାର। ସୁର ମଉସା ଓ ଶାରୀ ମାଉସୀ ମୋ' ବାପାବୋଉଙ୍କଠୁଁ ବେଶୀ ଭାଗ୍ୟବାନ୍, ଭାଗ୍ୟବତୀ। ସେଇ ରବିବାର ଦିନ ଆସି ପହଁଚିଲେ ପୁଅବୋହୂଙ୍କ ପାଖରେ। ସୁର ମଉସାଙ୍କ ପୁଅ ଖୀରସ୍ତାନୀ ଝିଅକୁ ଭଲ ପାଇ ବାହା ହେଇଥିଲା ବୋଲି ଶାରୀ ମାଉସୀର ଭାରି ଛି' ଛି' ଭାବ। କିନ୍ତୁ ସେ ଦୁଇଜଣ ଡାକ୍ତର ଦେଖେଇ ଆସିବାକୁ ବାଧ୍ୟ ହେଇଥିଲେ। ହେଲେ ବୋହୂଟି ରବିବାରର ଚର୍ଚ୍ଚ ଯିବା ବନ୍ଦ କରି, ନିଜ ପୁଅକୁ ତାର ପୁରସ୍କାର ବିତରଣ ସଭାକୁ ନ ଯିବାକୁ କହି ସକାଳ ପହରୁ ଲାଗିଥିଲା ଘରସଜା ଆଉ ରନ୍ଧାବଢ଼ାରେ, କାରଣ ଶାଶୁଶ୍ୱଶୁର ଆସିବେ। ହେ ରବିବାରିଆ ଗ୍ରହ ସୂର୍ଯ୍ୟ! ଇଏ କି ପାତରଅନ୍ତର। ମୋ'ବେଳକୁ ଘୃଣା– ତାଙ୍କ ବେଳକୁ ତ୍ୟାଗ।

ଆଜି ରବିବାର। ଗାଆଁ ସୁମନ୍ତ ଭାଇର ଝିଅ ଦେଖିବାକୁ ଆସିବେ ବରପକ୍ଷ। ଛୁଟିଦିନ ବୋଲି ସ୍କୁଲ ମାଷ୍ଟର ସୁମନ୍ତ ଭାଇ ଏହି ଦିନକୁ ରଖିଥିଲେ। ସୁନ୍ଦରୀ ପାଠପଢ଼ୁଆ ଝିଅ, ଗୋଟିଏ ଚାଉଳରେ ଗଢ଼ା। ବରପକ୍ଷ ନା କହିବେନି ବୋଲି ମଧ୍ୟସ୍ଥି କହୁଥିଲା। ତେଣୁ ଏତେ ଆୟୋଜନ। ବାକି ଯାହା ଯାନିଯଉତୁକ କଥା। କଥାତ ଛିଣ୍ଡିଛି ଝିଅଦେଖା ଆଗରୁ। ବରପକ୍ଷ ଆସିଲେ। ବରପକ୍ଷ କହିଲେ ବର ଏବଂ ତା'ର ତିନିଜଣ ଶିକ୍ଷିତ ଚାକିରିଆ ସାଙ୍ଗ। ପୁଅର ବାପା ମାଆ ଅର୍ଦ୍ଧଶିକ୍ଷିତ। ସେମାନଙ୍କର ସିଦ୍ଧାନ୍ତ ହୁଏତ ଭୁଲ୍ ହୋଇପାରେ। ଏଣୁ ଅଭିଜ୍ଞତା, ସଂସ୍କୃତି ସଂସ୍କାର ସମ୍ପନ୍ନ ଅଭିଭାବକ ଆଜି ହାର ମାନିଯାଏ ଆଧୁନିକତାର ଅହଂକାର ପାଖରେ। ନବ ଯୁବକମାନେ ବାଟରେ ଆସିଲାବେଳେ କଉ ଢାବାରେ କ'ଣ ଟିକିଏ ସୋମରସ ପାନ କରିଥିଲେ କି କ'ଣ ଝିଅକୁ ଦେଖିବା ଆଳରେ କିଛି ଅବାଞ୍ଛିତ ପ୍ରଶ୍ନ ବି ପଚାରି ବସିଲେ। ଶେଷରେ ଖିଆପିଆ ସାରି ବାହାରିଲାବେଳକୁ ଅନୁଗ୍ରହ କଲା ପରି କହୁଥିଲେ– ଆଜି ରବିବାର ବୋଲି ଆମ ଭଳି ଉଚ୍ଚପଦସ୍ଥ ବନ୍ଧୁମାନେ ଆସିପାରିଲୁ। ଠିକ୍ ଅଛି ଦେଖିବା କହି ଫେରୁଫେରୁ କାର୍ ଦୁର୍ଘଟଣାରେ ହାସ୍‌ପାତାଳ ପହଁଚିଗଲେ ବୋଲି ଖବର ଆସିଲା। ସୋମବାର ଶିବପୂଜା କରି ଭଲ ବର ପାଇବାର ଆଶା କରିଥିବା ସୁମନ୍ତ ଭାଇର ଝିଅ ସିଦ୍ଧାନ୍ତ ନେଲା ଯେ ରବିବାରିଆ ବରକୁ ମୋଟେ ବାହା ହବନି। ନାରାୟଣ, ନାରାୟଣ। ତମ ପୂଜା ବାରରେ ମଦ ମାଂସର ଭକ୍ତମାନଙ୍କୁ ଛୁଟି ଦେଲ କିଆଁ ହେ ନାରାୟଣ!

ଆଜି ରବିବାର। ସକାଳୁ ସକାଳୁ ପହଁଚିବ ସୁଧାକକା ପୁଅ ସୁମନ୍ତ। ବାଙ୍ଗାଲୋରୁ କୋଣାର୍କ ଏକ୍ସପ୍ରେସ୍‌ରେ ଆସିବ। ସୁଧାକକା ଷ୍ଟେସନରୁ ଫେରିବା ଡେରି ହଉଥାଏ। ଘରେ କିନ୍ତୁ ମାମୁ ଆସି କାଲିଠୁଁ ପହଞ୍ଚିଛି ଦୁଇଚାରିଟା ପ୍ରସ୍ତାବର ଜାତକ ଧରି। ଖୁଡ଼ୀର ପାଦ ତଳେ ଲାଗୁ ନ ଥାଏ। କେତେ କ'ଣ ପରଷିବ ପୁଅକୁ। ମା' ହାତପରଷା ଛାଡ଼ିଛି ଯେ ଦିହ କଣ୍ଢ ହେଇଯିବଣି। ସୁଧାକକା ପହଁଚିଲେ ପୁଅକୁ ଧରି। ଡାକ ଦେଲେ, "ସୁମନ୍ତ ବୋଉ ବନ୍ଦାଣ ଥାଳି ଆଣ, ବନ୍ଦେଇ ପୁଅବୋହୂଙ୍କୁ ଭିତରକୁ ନିଅ– ଖୁଡ଼ୀ କିନ୍ତୁ ଦଉଡ଼ୁଥିଲା ଚୁଲିପାଖକୁ, ମନେ ପକଉଥିଲା– 'ରେବତୀ' ଗପ– ପାଠପଢ଼ା କ'ଣ ବା... ଲୋ ରେବୀ!, ଲୋ ଚୁଲି, ଲୋ ନିଆଁ! ମାମୁ କହୁଥିଲା। ଆଜି ରବିବାର ଛୁଟିଥିଲା ବୋଲି ମୁଁ ଆସି ଏ ଦୃଶ୍ୟ ଦେଖୁଛି। ସୁଧାକକା ଭାବୁଥିଲେ ହେ ନାରାୟଣ! ସବୁ ତୋ'ରି ଇଚ୍ଛା!

ଆଜି ରବିବାର। ଆଜି ଛୁଟିଦିନ। ବନ୍ଧୁ ଶ୍ରୀକାନ୍ତର ସ୍ତ୍ରୀ କାଲିଠାରୁ କହିରଖିଛି, ସକାଳୁ ସକାଳୁ ବାହାରିପଡ଼ିବା ଜଗନ୍ନାଥଙ୍କ ଦର୍ଶନରେ। ହେଲେ ଡୋରି ନ ଲାଗିଲେ କି ତା' ପାଖକୁ ଯିବ? ସତରେ ଡୋରି ଲାଗିଲା। ସକାଳୁ ସକାଳୁ ନିଜ ମାରୁତି ଗାଡ଼ିରେ ଗାଧୋଇ ପାଧୋଇ ବାହାରିଲେ ପୁରୀ। ପିପିଲି ପାର ହେଉଛନ୍ତି କି ନା ବାଟରେ ଦେଖିଲେ ଦୁର୍ଘଟଣା। ମୋଟରସାଇକେଲ୍‌ରୁ ପଡ଼ି ରକ୍ତ ଜୁଡୁବୁଡୁ ହେଇ ପଡ଼ିଛନ୍ତି ତରୁଣତରୁଣୀ ଦି'ଜଣ। ଶ୍ରୀକାନ୍ତ ଗାଡ଼ିରେ ବ୍ରେକ୍ ଦବାକୁ ଯାଉଛି ତ ତା' ସ୍ତ୍ରୀ ବାରଣ କରୁଛି। ଚାଲଚାଲ ଡେରି ହେଇଯିବ। ଝାମେଲାରେ ପଡ଼ିବାର ନାହିଁ। କିଏ କହିବ ଆମ ଗାଡ଼ିରେ ଦୁର୍ଘଟଣା ହେଲା। ଅତଏବ ଦିଅଁ ଦର୍ଶନକୁ ଚାଲିଗଲେ ଶ୍ରୀକାନ୍ତ। ପଛେପଛେ ଯାଉଥିଲେ ସୁନ୍ଦର ସୁନ୍ଦରଗଡ଼ରୁ ଆସୁଥିବା ଆଦିବାସୀ ଧାଙ୍ଗଡ଼ା ଧାଙ୍ଗିଡ଼ୀ ଚାରିଜଣ ଗୋଟେ ଗାଡ଼ିରେ। ପୁରୀ ଅଳ୍ପ ଦୂରରେ ଥିଲା। ହେଲେ, ସେଦିନ ଆଉ ଦିଅଁଙ୍କ ଡୋରି ଲାଗିଲାନି ତାଙ୍କର। କାରଣ ବାଟରୁ ଉଠେଇ ଆହତ ଦୁଇଜଣଙ୍କୁ ନେଇଗଲେ ଭୁବନେଶ୍ୱର ଡାକ୍ତରଖାନାକୁ। ଏଣେ ଡୋରି ଲାଗିଥିବା ଶ୍ରୀକାନ୍ତ ଆଉ ତା' ସ୍ତ୍ରୀର ଦିଅଁ ଦର୍ଶନ ପରେ ମୋବାଇଲ୍‌କୁ କଲ୍ ଆସିଲା। ସେ କଲ୍ ଥିଲା ଭୁବନେଶ୍ୱରର ସେଇ ହସ୍ପିଟାଲ୍‌ରୁ। କାରଣ ତରୁଣଟି ଥିଲା ଶ୍ରୀକାନ୍ତର ସାନଭାଇ ଆଉ ତରୁଣୀଟି ଥିଲା ତା' ଶ୍ରୀମତୀଙ୍କ ସାନଭଉଣୀ– ସିଧା ହଷ୍ଟେଲରୁ ପ୍ରେମପକ୍ଷୀ ଦୁହେଁ ପୁରୀ ଯାଉଥିଲେ ଡୋରି ଲାଗିବାରୁ। ହେଲେ ତାଙ୍କର ବି ସେଦିନ ଡୋରି ଲାଗିଲାନି। ଶ୍ରୀକାନ୍ତର ହସ୍ପିଟାଲ ଯିବା ବାଟରେ ତାଙ୍କ ପ୍ରେମ ଏଥିପାଇଁ ଦାୟୀ ବୋଲି ଦୋଷ ଦେଉଥିଲେ ପରସ୍ପରକୁ। ଆଜି ରବିବାରଟା ସତରେ ବେକାର ହେଇଗଲା ବୋଲି ଦୁହେଁ ଏକା ସ୍ୱରରେ କହିଲେ। ହେ ନାରାୟଣ, ତୋର ଇଏ କି ଡୋରି ଲଗେଇବା, ତୋ' ପୂଜାବାର ରବିବାରରେ? ସତରେ ଦିଅଁ ଦର୍ଶନ କିଏ କଲା। ସୁନ୍ଦରଗଡ଼ର ଧାଙ୍ଗଡ଼ା ଧାଙ୍ଗିଡ଼ୀ ନା ଶ୍ରୀକାନ୍ତ ଆଉ ତା' ସ୍ତ୍ରୀ?

ଆଜି ରବିବାର। ରବିବାର ଦିନ, ମୋ' ଭାଉଜଙ୍କ ମନ ହୁଏ ଖାଲି ଛନ୍‌ଛନ୍ ଛନ୍‌ଛନ୍...। ଶୋଇବା ଘରୁ ଦାଣ୍ଡଦୁଆର ଯାଏଁ ଘଡ଼ିଘଡ଼ି ଦୌଡ଼ ଧାଁପଡ଼ ମୋତେ ବେଶ୍ କୌତୁକ କଥା କହିବାକୁ ପ୍ରେରଣା ଯୋଗାଏ। ବାପା ବୋଉ ସବୁ ଜାଣନ୍ତି ଯେ ନୂଆବୋଉ କାହିଁକି ଧାଉଁଛି। ହେଲେ ଭାଇ ଆସିବାର ନାଁ ଧରୁନି। ମୋବାଇଲ୍ ଲଗେଇଲେ ବି ସୁଇଚ୍ ଅଫ୍। ଦୂର ଚାକିରିରୁ ଏଇ ରବିବାର ସକାଳୁ ସକାଳୁ ପହଁଚିବା ତ ନିତିଦିନିଆ ନିୟମ। ହେଲେ ଆଜି କାହିଁକି ଭାଉଜର ଡାହାଣ ଆଖି ଫରକୁଛି। ସକାଳ ଜଳଖିଆ ଥଣ୍ଡାହେବାକୁ ବସିଲାଣି। "ୱେଟିଂ ଫର୍ ଗୋଦୋ" ବହିର କାହାଣୀ ପରି ଅପେକ୍ଷାର ମୁହୂର୍ତ୍ତ ଭାରି ଯନ୍ତ୍ରଣାଦାୟକ, ପୀଡ଼ାକାରୀ ଓ କଷ୍ଟକର। ହଠାତ୍ ଖବର ମିଳିଲା, ବସ୍‌ଷ୍ଟାଣ୍ଡରୁ ଭାଇର ଖାଲିବ୍ୟାଗ୍ ମିଳିଛି। ବସ୍‌ଷ୍ଟାଣ୍ଡ୍ ନୁହେଁ ତ, ଅଟୋଷ୍ଟାଣ୍ଡରୁ। ଖୋଜୁଖୋଜୁ ଭାଇ ଥାନାବାବୁଙ୍କ ପାଖରେ ଡାକ୍ତରଖାନାରୁ ଆସି ସାଷ୍ଟାଙ୍ଗ ହଉଚି। କୋଉ ଅଟୋବାଲା ଚା ବିସ୍କୁଟ୍‌ରେ ନିଶାଦେଇ ସବୁ ଲୁଟି ନେଇଛି। ଯା, ଭାଇ ଆଣିଥିବା ମୋ' ଭାଉଜର କାନଫୁଲ ବି ଚୋରି ହେଇଯାଇଚି। ଭାଇ ଘରେ ପହଞ୍ଚିଲାବେଳକୁ ଦି'ପହର। ହେଲେ ମୋ' ଉପରେ ସମସ୍ତଙ୍କ କ୍ରୁର ଦୃଷ୍ଟି। ଭାଉଜ କହିଲେ– ତମେ ଭୋରୁ ଭୋରୁ ବସ୍‌ଷ୍ଟାଣ୍ଡ୍‌କୁ ମୋଟରସାଇକେଲ ନେଇ ଯାଇପାରିଲନି। ବୋଉ କହିଲା– ଅଳସୁଆ, ରବିବାର ହେଲେ ୟା'ର ଶୋଇବା ଦିନ ଆସିଲା। ବାପା କହିଲେ– ବେକାର ହେଇ ବସିଛି, ରୋଜଗାରିଆ ଭାଇର ସାହାଯ୍ୟ କରିବ କେମିତି। ଲାଜ ଲାଗିବନି, ୟା'ର ସିନା ସବୁବାର, ରବିବାର ହେଲେ ଭାଇର ପରା ସପ୍ତାହକୁ ଗୋଟେ ରବିବାର? ହେ ରବିବାରିଆ ସକାଳ, ତୁ' ଆସୁଛୁ କିଆଁ?

ଆଜି ରବିବାର। ସାହିତ୍ୟ ଆସର, ସଭା ସମିତିର ଦିନ। ଖଦଡ଼ ହଉ କି ଗାନ୍ଧୀଝୁଲା। ପ୍ଲାଷ୍ଟିକ୍ ଫାଇଲ୍ ହଉ କି ନାଁଲେଖା ଟୋପି। ରାହାଗିରି ହଉ କି ନାରାବାଜି। ସବୁ କିଛି ରବିବାର ସକାଳର ଆଭୂଷଣ। ଚାଲ ଏକାଠି ହେବା ଏବଂ ନିଜର ବଡ଼ିମା ଦେଖେଇ ଅନ୍ୟକୁ ଛିଗୁଲେଇବା, ତିରସ୍କାର କରିବା ଏବଂ ଛୋଟ ବୋଲି ପ୍ରମାଣିତ କରିବା। ଚା ଦୋକାନର ଖଟିରେ ଗତ ସପ୍ତାହର ସବୁ କଳାକ୍ରାର, ବାଲ୍ୟବିବାହ, ଚେନ୍ ଚୋରି, ଏନ୍‌କାଉଣ୍ଟରର ପେଡ଼ି ଖୋଲିବା। ଭାଷା ଆନ୍ଦୋଳନର ଆଭିମୁଖ୍ୟକୁ ନିଜର ଇଂଲିଶ୍ ବିଚାରରେ ତାଡ଼ି ପକେଇବା। ସଭାସମିତିରେ ଖାସି ମାଂସ ବଦଳରେ ଭାତ ଡାଲମାକୁ ଆୟୁଧ କରି ପିଟାପିଟି ହବା। କାରଣ ସମୟ ଅଛି ହାତରେ, ଆଜି ରବିବାର ପରା। ବେଶୀ କିଛି ବକାବକି, ତର୍କାତର୍କ କରି ନିଜର ସୃଜନଶୀଳତାକୁ ପରିପ୍ରକାଶ, ପରିକ୍ରମଣିକାରୁ ପ୍ରଣାମ କରିବାର ସମୟ ଇଏ। ଆଜି ପୁଣି ରବିବାର ବୋଲି ଆଇଁଷ ବାରର ସ୍ଥିରୀକୃତ କାର୍ଯ୍ୟାବଳୀରେ କୁକୁଡ଼ା, ଛେଳିଙ୍କୁ ବଳି ପକେଇବା।

ସାହିତ୍ୟର ବିଚାରମଞ୍ଚର ରବିବାସରୀୟ ଆସରରେ ନିଜର କବିତା ପଢ଼ି ଅନ୍ୟକୁ ବାହାବା ଦବାକୁ ବାଧ୍ୟ କରିବା ଏବଂ ଅନ୍ୟର କବିତାକୁ ପୋଡ଼ାଭୂଇଁର ସୂର୍ଯ୍ୟମୁଖୀ ନ କହି ସବୁଜ ଭୂଇଁର କାକ୍‌ଟସ୍ କଣ୍ଟାବୋଲି ପ୍ରମାଣିତ କରିବା। ହେଲେ ସେ ରବିବାର ଗଲା କୁଆଡ଼େ! ଗାଁର ପୋଖରୀ ସଫା କରିବା, କାଦୁଅ ରାସ୍ତାରେ ମାଟି ପକେଇବା, ସ୍କୁଲ ପାଚେରିର ମରାମତି କରିବା, ଭାଗବତ ଟୁଙ୍ଗିରେ ଗୋବର ଲିପିବା ବା ସକାଳୁ ସକାଳୁ ବଣଭୋଜି ପଙ୍‌କ୍ତି ଭୋଜନରେ ଭାଇଚାରାର ଚାରାପୋତିବା। ସତରେ ରବିବାର ଏକ ସ୍ୱାର୍ଥକୈନ୍ଦ୍ରିକ ଅବସର ମାତ୍ର। ହେଲେ ରବିବାର ହବା କଥା ଅନ୍ୟ କେତେକଙ୍କ ପାଇଁ, ସମାଜ ପାଇଁ ସବୁଠୁ ବ୍ୟସ୍ତବହୁଳ ଦିନ। ମୋର ପ୍ରଥମ ପ୍ରକାଶିତ କବିତାର ଶେଷ ପଙ୍‌କ୍ତି ଏବେ ବି ମନେପଡ଼େ–

"ଚାଲ ଆମେ ଶବ ପାଲଟିବା
ମଶାଣି ଶେଯରେ ଶୋଇ ଜିଅନ୍ତା ଶବଙ୍କୁ ଟିକେ ଫୁସୁଲେଇଦବା
କେତେଦିନ ବଡ଼ଦାଣ୍ଡେ ସଂକୀର୍ତ୍ତନ ଗାଇଗାଇ ଛଟପଟ ହବା?"

ଆଜି ରବିବାର। ଘଟଣା ସବୁ କିନ୍ତୁ ବାର ଦେଖି ଆସେନି। ଏ ଉପଲକ୍ଷ୍ୟ ମାତ୍ର। ହେଲେ ସାରା ସପ୍ତାହର ମାନସାଙ୍କ ମୂକ କରିଦିଏ ଆସନ୍ତା ସପ୍ତାହର ଆରମ୍ଭ ବାର ରବିବାରକୁ। ରବିବାର ହେଇଯାଏ ମୂକ ଅଥିର।

– ମୁଖ୍ୟ ସମ୍ପାଦକ 'ଅ', ଭଦ୍ରକ

" ସାହିତ୍ୟର ବିଚାରମଞ୍ଚର ରବିବାସରୀୟ ଆସରରେ ନିଜର କବିତା ପଢ଼ି ଅନ୍ୟକୁ ବାହାବା ଦବାକୁ ବାଧ୍ୟ କରିବା ଏବଂ ଅନ୍ୟର କବିତାକୁ ପୋଡ଼ାଭୂଇଁର ସୂର୍ଯ୍ୟମୁଖୀ ନ କହି ସବୁଜ ଭୂଇଁର କାକ୍‌ଟସ୍ କଣ୍ଟାବୋଲି ପ୍ରମାଣିତ କରିବା। ହେଲେ ସେ ରବିବାର ଗଲା କୁଆଡ଼େ! ଗାଁର ପୋଖରୀ ସଫା କରିବା, କାଦୁଅ ରାସ୍ତାରେ ମାଟି ପକେଇବା, ସ୍କୁଲ ପାଚେରିର ମରାମତି କରିବା, ଭାଗବତ ଟୁଙ୍ଗିରେ ଗୋବର ଲିପିବା ବା ସକାଳୁ ସକାଳୁ ବଣଭୋଜି ପଙ୍‌କ୍ତି ଭୋଜନରେ ଭାଇଚାରାର ଚାରାପୋତିବା। ସତରେ ରବିବାର ଏକ ସ୍ୱାର୍ଥକୈନ୍ଦ୍ରିକ ଅବସର ମାତ୍ର। "

# କବିତା

## ସେ ଆସିଥିଲା

### କନକ ମଂଜରୀ ପଟ୍ଟନାୟକ

ସେ କାଲି ଆସିଥିଲା...
ଅଚାନକ ଦରଜା ପାଖରେ ଛିଡ଼ା ଦେଖି
ମୁଁ ଦୋ' ଦୋ' ଚିହ୍ନା ହେଲି
ସେ କିନ୍ତୁ ମତେ କୋଳେଇ ନେଲା
ପରିପୂର୍ଣ୍ଣ ଆଲିଙ୍ଗନ ମୁଦ୍ରାରେ ।

ସେତେବେଳେ ଯାଇ ଜାଣିଲି
ତା'ଛଡ଼ା କିଏ ମତେ ଏତେ
ଅନ୍ତରଙ୍ଗ ଭାବେ ବାନ୍ଧିପାରେ
ତା' ଦି' ମୃଣାଳ ବାହୁରେ ?

ଘରେ ମୋର ସମସ୍ତେ ତଟସ୍ଥ
ତା' ପ୍ରଗଲ୍‌ଭତାକୁ ଦେଖି
ଅବିରାମ ଘଟଣା ପରେ ଘଟଣାର
କ୍ରିୟାକର୍ମ, କମାହୀନ ଅନ୍ତର୍ବାଣୀ
ଅନର୍ଗଳ ଝରୁଥିଲା ଶବ୍ଦ ହୋଇ
ଲୁହ ହୋଇ, କୋହ ହୋଇ, ଦୀର୍ଘଶ୍ୱାସ ହୋଇ ।

ମନେମନେ ମୁଁ ଓଲଟାଉଥିଲି
ପୃଷ୍ଠା ପରେ ପୃଷ୍ଠା ତିରିଶ ବର୍ଷର,
କେତେ ଗୁଳି, କେତେ ବୋମା
କେତେ ବାତ୍ୟା-ବନ୍ୟା-ସୁନାମିକୁ
ସାମ୍‌ନା କରି ବଞ୍ଚିପାରେ କଅଁଳ ଝିଅଟେ !

ନିଜକୁ ମୁକାଳି ଦେଇ
ଏବେ ସିଏ ଶୋଇଯାଇଛି
ନିଷ୍ପାପ ଶିଶୁଟିଏ ଭଳି
ମୋ' ବିଛଣାରେ ।

ଚୋରାଇ ନେଇଛି ମୋ' ଆଖିରୁ ସବୁ ନିଦ
ଆଜିର ଏ ଅନାତ୍ମୀୟ ସମୟ ଛନ୍ଦରେ
ମୁଁ ଦେଖୁଛି ଆତ୍ମୀୟତାର ଭିନ୍ନ ଏକ ବେଦ ।
- ପ୍ଲଟ୍ ନଂ- ୩, ଗୌରୀ ବିହାର, ଭୁବନେଶ୍ୱର-୨

## ଝଡ଼ର ଆଖି

### ସଦାଶିବ ଦାଶ

ଝଡ଼ର ଘୂର୍ଣ୍ଣାୟମାନ ଲାଲ ଆଖିରୁ
ଦେଖିପାରେ ମୁକ୍ତକେଶା ଧୂର୍ଜଟୀର, ଅଜେୟ ତାଣ୍ଡବ ।
ମାଡ଼ିଆସେ ଚକ୍ରବାତ, ଜନ୍ମ ନେଇ ସମୁଦ୍ର ଘୂର୍ଣ୍ଣିରୁ
ସେ ଲେଖିଥାଏ ସଂହାର ନା ଜୀବନର ନବ୍ୟ ଶବ୍ଦାଙ୍କୁର ?

ସେ ଆଖିରେ ଭରା ଥାଏ ପ୍ରଳୟର ଆଦିଧ୍ୱନି
ମଣିଷକୁ ଶିଖାଏ ସେ ବଞ୍ଚିବାର ଯାବତ କୌଶଳ ।
ଭାଙ୍ଗିବାରେ ଲେଖିଦିଏ ଗଢ଼ିବାର ନବୀନ ଉତ୍‌ଥାନ
ଇୟେ ତ ପ୍ରକୃତିର ପ୍ରାୟୋଜିତ ଲୀଳାଖେଳା
ସୃଜନର ପରିଭାଷା, ଆଶଂକିତ ଆଶାର କିରଣ ।

ସେ ଆଖି ପୂର୍ଣ୍ଣତାରେ ଅପୂର୍ଣ୍ଣତା
ଉତ୍‌ଥାଳ, ମଥିତ, ଲହରାୟିତ କରେ ସାଗରର ଛାତି
ଭୂପତିତ କରିଦିଏ ପ୍ରକୃତିର ସବୁଜ କୌମାର୍ଯ୍ୟ
ଭାଙ୍ଗିଦିଏ ଆସ୍ଥାର ପର୍ଣ୍ଣକୁଟୀର, ଭୟର ଭ୍ରୂକୁଟି ।
ସବୁ ପରେ ମଣିଷକୁ ଦିଏ ବାର୍ତ୍ତା: ଲଢ଼ିବାକୁ ଜୀବନ ଲଢ଼େଇ ।

ଏ ଝଡ଼ର ଆଖି ଚକ୍ରବତ୍ ଘୂରୁଥାଏ ଆଦି ସଂହାରର,
ଇୟେ କ'ଣ ସେଇ ଚକ୍ର ଘୂରିଥିଲା କୁରୁକ୍ଷେତ୍ରେ
ଯୁଗାବ୍ଦୀର ଅବସାନେ ସର୍ଜିବାକୁ ଭିନ୍ନ କାଳାନ୍ତର ।

କାହିଁକି ସେ ଆସେ ନାନା ନାମେ, କାଳାନ୍ତକ ବେଶେ
ବିଗଳିତ ସମୟର ସହସ୍ରାଂଶୁ ଆଲୋକ ବର୍ଣ୍ଣାଳୀ
କୁଆଡ଼େ ସେ ଚାଲିଯାଏ, ତେଜୀୟାନ୍ ତା'ର ରକ୍ତ ଚକ୍ଷୁ
ଶ୍ରାନ୍ତ କ୍ଳାନ୍ତ ମ୍ଳାନ ପଦାବଳୀ ପରି ମିଶିଯାଏ
ମହାଶୂନ୍ୟତାରେ ।

ଯେ ଆଖିରେ ରକ୍ତଥାଏ ନା ଥାଏ ଲୁହ
କାଣିଚାଏ ସ୍ନେହ ଶ୍ରଦ୍ଧା ମଣିଷକୁ ଭଲ ପାଇବାର
ନ ଥାଏ ତାହାର କେହି ଆପଣାର ପରମ ଦୋସର
ନିଜେ କ'ଣ ଅଭିଶାପ, ଅଭିଶପ୍ତ ସମୟ ସ୍ରୋତର ?

ଝଡ଼ର ଆଖିରୁ ଖୋଜେ ଜୀବନର ଆଦି ପରମାଣୁ ।
ଝଡ଼ର ଆଖିରୁ ଦେଖେ ପ୍ରଳୟର ମହା ବିଶ୍ୱରୂପ ।
ଚତୁଃପାର୍ଶ୍ୱେ ଘୂରୁଥିବା ଅଶାନ୍ତ ପବନ ପରି
ମୃତ୍ୟୁର ଅନ୍ଧାର ମଧ୍ୟୁ ଜୀବନର ଚେନାଏ ଆଲୋକ ।
- ବଟେଶ୍ୱରୀ, ସାଲେପୁର, କଟକ

## ଦଣ୍ଡ

### ତନ୍ମୟୀ ରଥ

କେମିତିକା ଦଣ୍ଡଟେ
ଶେଷରେ ରଖିଛ ମୋ' ଭାଗ୍ୟରେ
ହେ ମୋର ବୋଲଉଥିବା
ସ୍ୱାମୀ, ମାଲିକ, ଅଧିପତି !
ତୁମ ତିଆରି ସବୁ ଧମକ, ଦୃଢ଼ ଆବାଜ
କାନରେ ଶୁଭିଲାନି ବୋଲି
ଉତ୍ତପ୍ତ ବିସ୍ଫାରିତ ଆଖିର
ଭୟାନକ ବାଣରେ
ଶଙ୍କି ନ ଗଲି ବୋଲି
ଆଉ କେଉଁ ଅସ୍ତ୍ରର ପ୍ରୟୋଗରେ
ଏବେ ଅଛ ତୁମେ !

ତମରି ଦ୍ୱାରା ଗଢ଼ା ହୋଇଥିବା
ସବୁ ଅଶ୍ଳୀଳ ଇଙ୍ଗିତ, ସଙ୍କେତ, ବାକ୍ୟ
ବେଢ଼ିଯାଇଛନ୍ତି ମୋ' ସମଗ୍ର ଦେହକୁ ।
ତଥାପି ଛାର ମାଇପିଲୋକର
ବହପକୁ ଦେଖ
ଡରିଲାନି, ମରିଲାନି ସେ ।

ତମ ଶେଷଦଣ୍ଡ ଯାଏଁ
ମୋର ଧୈର୍ଯ୍ୟ ନାହିଁ
ତମେ ଜଳେଇ ଦେଇ ଜାଣ
ଏ ମୁହଁକୁ, ଦେହକୁ
ବିଦାରି ଦେଇପାର...
ନହେଲେ, କଠିନ ଆଇଁଷିଣା ବାହୁରେ
ଘୋଷାରି ନେଇପାର
କବଳିତ କରିପାର ଶେଷକୁ ।

ନିଗିଡ଼ିପଡ଼ିବା ପରେ ଉଷ୍ମ ରକ୍ତ
ତଥାପି କହିପାର
ମୋତେ ସଇତାନ୍ !
ଏଣିକି କିନ୍ତୁ ମୋର ସିଧା ଜବାବ
ଅପେକ୍ଷା କର, ମୁଁ ପିନ୍ଧିନିଏ
ମୋ' ପ୍ରହରଣ !!
- ଗବେଷିକା, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

## ତିନୋଟି ଏକପଦୀ

### ଚିନ୍ମୟ ବିବେକ

॥୧॥ ଜଣେ ଯଦି କହେ
ସେ ଗୋଟିଏ ନଈ
ଦେଖେଇ ପାରିବ
କେଉଁଠି ଅଛି ତା'ର ଭଉଁରି !

॥୨॥ ରଙ୍ଗ ଓ ନିଆଁ
ଦୁହିଁଙ୍କର ଗୋଟିଏ ବାସ
ପାଣି ପଡ଼ିଲେ
ଉଭୟେ ଶେଷ ।
॥୩॥ ଆବରଣ ଅପସରି ଗଲେ
ଦେହ
ତା' ପରେ କ'ଣ
ପଡ଼ଇ ବିଦେହ !
- ଦଇତାପଡ଼ା ସାହି, ମାର୍କେଟ ଲେନ୍, ପୁରୀ

## ତୁମ ପାଇଁ

### ମନୋରଞ୍ଜନ ମିଶ୍ର

ଫେରାଇଦିଅ ମୋତେ ସମସ୍ତ ଚିଠି
ସବୁତକ ଚୁମ୍ବନ
ରତିକ୍ଳାନ୍ତା ତୁମେ
ମୋ' ହୃଦୟର ଅଜସ୍ର କମ୍ପନ ॥

ଦେବାନେବାରେ ସଖୀ
ଆମରି ଜୀବନ,
ପ୍ରେମ ପ୍ରଣୟ ହିଁ
ଆମ ମଧୁବନ ॥

ତୁମେ ହିଁ
ମୋ' ଜୀବନର
ପୂର୍ବାହ୍ନ, ମଧ୍ୟାହ୍ନ ଓ ସାୟାହ୍ନ
ତୁମେ ମୋ' କବିତାର ସମ୍ମୋହନ
ଶବ୍ଦର ମାୟାରେ ତଲ୍ଲୀନ ॥
ଗାନ୍ଧିଛକ, ବଉଦରାଜ, ବୌଦ୍ଧ

## ସୁଖ

### ଅକ୍ଷୟ ପାତ୍ର

ଡିମିରି ଫୁଲ,
ସନ୍ଦିଗ୍ଧ ଅସ୍ତିତ୍ୱ ଅଥଚ ଚର୍ଚ୍ଚିତ ।

ସରଗର ଚାନ୍ଦ,
ବାମନଙ୍କ ସ୍ୱପ୍ନ ପରିଧିରେ
ଆକର୍ଷକ ଅଥଚ ଅପହଞ୍ଚ ।

ଜୁଳୁଜୁଳିଆ ପୋକ,
ଅନ୍ଧାରର ସାନ୍ଦ୍ର ଦେହଳୀରେ
ମିଞ୍ଜିମିଞ୍ଜି ସଙ୍କେତ
ଅଥଚ ବୋଧାତୀତ ।

ଶୀତ ସକାଳର କାକରବୁନ୍ଦା,
ରୁପେଲି ରୋମାଞ୍ଚ ଅଥଚ ଅଳୀକ ।
କୁମ୍ଭୀର ପିଠିର ମର୍କଟ,
ଗଛ କୋରଡ଼ରେ ସ୍ଥିତ କଳିଜାର
ଜାମୁକୋଳିଆ ସ୍ୱାଦ
ଅଥଚ ସୁଦୂର ପରାହତ ।
- ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,
ଢେଙ୍କାନାଳ

# ବନ୍ଦ ଡାଏରୀ ପୃଷ୍ଠାରେ କଏଦ ହୋଇ ରହିଥିଲେ ବର୍ଷବର୍ଷ ମୋ’ ଭାବନାର ଶବ୍ଦ...






ସଂଘମିତ୍ରା ରଥ

**ସଂଘମିତ୍ରା ରଥଙ୍କ ଜନ୍ମ ୨୯ ମେ ୧୯୭୯ରେ, ଯାଜପୁର ଜିଲା ଅହିୟାସର ମଲ୍ଲିକାପୁର ଗାଁରେ। କୈଶୋରରୁ କବିତା ପ୍ରତି ଆଗ୍ରହ ରଖିଥିବା ଏଇ କବୟିତ୍ରୀଙ୍କର ପ୍ରଥମ କବିତା ସଂକଳନ ‘ଅନ୍ୱେଷିତା’ ୨୦୧୭ରେ ପ୍ରକାଶିତ ଓ ‘ଟାଇମ୍‌ପାସ୍’ର ‘ପ୍ରଥମା ପୁରସ୍କାର’ରେ ପୁରସ୍କୃତା ସମୟ କରି କ୍ଷୁଦ୍ରଗଳ୍ପ ବି ଲେଖନ୍ତି। ଓଡ଼ିଶାର ପ୍ରତିଷ୍ଠିତ ପତ୍ରପତ୍ରିକାରେ ନିୟମିତ ଲେଖି ଓଡ଼ିଆ କବିତାରେ ନିଜ ପାଇଁ ଏକ ଜାଗା କରି ଆସୁଥିବା ସଂଘମିତ୍ରା ଏଥରର ‘ପହିଲି ପୁଳକ’ରେ...**

ଅକ୍ଷର ଚିହ୍ନିଲି ତ ମତେ ପ୍ରଥମେ ଆକର୍ଷି ନେଇଥିଲେ ମନପବନ, ମୀନାବଜାର, ଶିଶୁଲେଖା ଓ ଜହ୍ନମାମୁଁ। ଗପ ପଢ଼ିବାର ପ୍ରବଳ ଝୁଙ୍କ୍ ମତେ ଶବ୍ଦ ସହ ପରିଚିତ କରେଇ ଦେଉଥିଲା ଧୀରେଧୀରେ। ବିଦ୍ୟାଳୟ ଶିକ୍ଷା ଆରମ୍ଭ ପୂର୍ବରୁ ମୁଁ ଅକ୍ଷର ଚିହ୍ନି ପ୍ରାଞ୍ଜଳ ପଢ଼ି ପାରୁଥିଲି ବୋଲି ମା’ ମୋତେ ତାଙ୍କ ସହିତ ସ୍କୁଲକୁ ନେଇ ଯାଉଥିଲେ ଅନ୍ୟ ସହକାରୀ ଶିକ୍ଷକମାନଙ୍କୁ ମୋର ସୁନ୍ଦର ଉଚ୍ଚାରଣ ଶୁଣେଇବା ପାଇଁ। ଏଇଠୁ ବୋଧହୁଏ ମୋ’ ଅଜାଣତରେ ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ଅନୁରାଗର ବୀଜଟିଏ ରୋପି ହେଇଯାଏ। ନିଃସନ୍ଦେହରେ କହିପାରେ ପଢ଼ିବାର ପ୍ରବଳ ଆକର୍ଷଣ ମତେ ପ୍ରେରଣା ଦେଇଥିଲା ଲେଖିବାର। ମନ ତଳର ସୁପ୍ତ ଆବେଗକୁ ପ୍ରକାଶ କରିବା ପାଇଁ କେବଳ ଯୋଗାଡ଼ି ଚାଲିଥିଲି ନିର୍ଜନ ମୁହୂର୍ତ୍ତ ସବୁ। ଭାବନାରେ ଆପେ ଯୋଡ଼ି ହେଇ ଚାଲିଥିଲେ ଶବ୍ଦ, ଆଉ ବର୍ଷବର୍ଷ ଧରି ମୋ’ ବନ୍ଦ ଡାଏରୀ ପୃଷ୍ଠାରେ କଏଦ ହେଇ ରହିଥିଲେ। ସାଙ୍ଗମାନଙ୍କୁ ଶୁଣେଇ ଯାହା ଯେତିକି ପ୍ରଶଂସା ପାଉଥିଲି, ସେତିକି ମୋ’ ଲେଖାଲେଖି ପାଇଁ ଅନେକ ପ୍ରେରଣା ଯୋଗାଉଥିଲା। କେବେ ନିଜର ହାତଲେଖାକୁ ଛପା ହେବାର ଦେଖିବି ମୁଁ ଆଶା କରି ନ ଥିଲି। ଯୁକ୍ତ ୩ ପଢ଼ିବା ସମୟରେ ମହାବିଦ୍ୟାଳୟର ମୁଖପତ୍ରରେ ପ୍ରଥମଥର ପାଇଁ ମୋ’ କବିତା ‘ପ୍ରତୀକ୍ଷା’ ଛପା ହେବାର ଦେଖି ଖୁବ୍ ରୋମାଞ୍ଚିତ ହେଇଥିଲି, କିନ୍ତୁ ତାହାର ପରିସର ଥିଲା ସୀମିତ। କେବଳ ଛାତ୍ରୀଛାତ୍ର ଆଉ ଅଧ୍ୟାପକଙ୍କ ପ୍ରଶଂସା ମାତ୍ର ପାଇଥିଲି। ତା’ପରେ ଦୀର୍ଘବର୍ଷର ନୀରବତା। ସଂସାର ଜଞ୍ଜାଳରେ ନିଜକୁ ହଜେଇ ଦେବାର ସମୟ। ଅନେକ ବର୍ଷର ବ୍ୟବଧାନ ପରେ ଯେତେବେଳେ ନବଜନ୍ମ ହୁଏ ମୋ’ କବିତାର, ପ୍ରଥମେ ତାକୁ ଆବିଷ୍କାର କଲି ‘ହୃଦୟାବେଗ’ ଶୀର୍ଷକରେ ଓଡ଼ିଶାର ଏକ ତ୍ରୈମାସିକ ପତ୍ରିକା ‘ଅୟମାରମ୍ଭ’ରେ। ବାସ୍ତବରେ ସେଇଠୁଁ ମୋ’ ପହିଲି ପୁଳକ ଏକ ବୃହତ୍ ପରିସରରେ।



# ପୁସ୍ତକ ପରିଚୟ

# ପୂଜା-ପତ୍ରିକା: ୨୦୧୮



## ନବଲିପି

**ସମ୍ପାଦକ: ଦେବବ୍ରତ ମଦନରାୟ**
**ଲିଙ୍ଗିପୁର, ଶିଶୁପାଳଗଡ଼, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ:୨୦୦, ମୂଲ୍ୟ: ଟ.୮୦/-**

‘ପ୍ରଥମ କଥା’ରେ ଅଛନ୍ତି ବୀଣାପାଣି ମହାନ୍ତି ଓ ‘ଅତିମାନସ କଥା’ରେ ମନୋଜ ଦାସ। ପ୍ରବନ୍ଧରେ ଦାଶରଥି ଦାସ, ‘ସ୍ମରଣୀୟ କଥା’ରେ ଶାନ୍ତନୁ କୁମାର ଆଚାର୍ଯ୍ୟ। ଗଳ୍ପ ଲେଖିଛନ୍ତି କୃପାସାଗର ସାହୁ, ଗୌରାଙ୍ଗ ଚରଣ ଦାଶ, ସଦାନନ୍ଦ ତ୍ରିପାଠୀ, ପବିତ୍ର ପାଣିଗ୍ରାହୀ, ସୁସ୍ମିତା ରଥ, ଜୟନ୍ତୀ ରଥ, ରଜନୀକାନ୍ତ ମହାନ୍ତି, ଅନିଲ କୁମାର ପାଢ଼ୀ ଓ ତରୁଣ କୁମାର ସାହୁ। ବିଶେଷ କବିତାରେ ଜୟନ୍ତ ମହାପାତ୍ରଙ୍କ ସହିତ କବିତାରେ ଅଛନ୍ତି ସୀତାକାନ୍ତ, ରାଜେନ୍ଦ୍ର, ହରିହର, ପ୍ରତିଭା, ଅମରେଶ, ହୃଷୀକେଶ, ଫନୀ ଓ ଅପର୍ଣ୍ଣା ପ୍ରମୁଖ। ସମ୍ପାଦକୀୟ ଖୁବ୍ ମୌଳିକ।

## ସୃଜନର ପାହାଚ

**ସମ୍ପାଦକ : କମଳ କୁମାର ମହାନ୍ତି**
**ସଚିବାଳୟ ଲେଖକ ପରିଷଦ, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ: ୩୧୬, ମୂଲ୍ୟ: ଟ.୧୦୦/-**

ପ୍ରଚ୍ଛଦ ସୂଚନାତ୍ମକ, ନାବାଳିକା ଦୁଷ୍କର୍ମର ଲଜ୍ଜାରେ ଦେବୀ ଦୁର୍ଗାଙ୍କ ମୁହଁ ବସ୍ତ୍ରାଚ୍ଛାଦିତ। ଦଶଭୁଜା ନିରସ୍ତ୍ରା। କବିତାରେ ଆଶୁତୋଷ ପରିଡ଼ା, ହୃଷୀକେଶ ମଲିକ, ପ୍ରସନ୍ନ କୁମାର ମହାନ୍ତି, ରକ୍ଷକ ନାୟକ, ଭଗବାନ ଜୟସିଂହ, ହୃଦାନନ୍ଦ ପାଣିଗ୍ରାହୀ, ସ୍ୱରୂପ ମହାପାତ୍ର, ବାସୁଦେବ ସୁନାନୀ, ଶତ୍ରୁଘ୍ନ ପାଣ୍ଡବ, ହରିହର ମିଶ୍ର, ମମତା ଦାଶ, ପ୍ରସନ୍ନ କୁମାର ପାଟ୍ଟଶାଣୀ, ସୌଭାଗ୍ୟବନ୍ତ ମହାରଣା ଓ ପ୍ରବାସିନୀ ମହାକୁଡ଼; ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ନିବାରଣ ଜେନା ଓ ରାଜେନ୍ଦ୍ର ରାଉଳ ପ୍ରମୁଖଙ୍କ ଲେଖା ସାଙ୍ଗକୁ ପ୍ରବନ୍ଧରେ ଅଛନ୍ତି ଆଦିକନ୍ଦ ସାହୁ ଓ ସୁରେନ୍ଦ୍ର କୁମାର ମହାରଣା ପ୍ରମୁଖ।

## ବିଶ୍ୱମୁକ୍ତି

**ସମ୍ପାଦକ: ଶଶାଙ୍କ ଚୂଡ଼ାମଣି**
**କାନନ ବିହାର, ପଟିଆ, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ:୨୪୦, ମୂଲ୍ୟ: ଟ.୮୦/-**

ପ୍ରବନ୍ଧରେ ସୀତାକାନ୍ତ ମହାପାତ୍ର, ଗଳ୍ପରେ ପରେଶ କୁମାର ପଟ୍ଟନାୟକ, ଅଜୟ ସ୍ୱାଇଁ; କବିତାରେ ହରପ୍ରସାଦ ଦାସ, ସଦାଶିବ ଦାଶ, ପ୍ରଭାକର ଶତପଥୀ, ହୁସେନ୍ ରବି ଗାନ୍ଧୀ, ସରୋଜିନୀ ଷଡ଼ଙ୍ଗୀ, ରୋହିଣୀକାନ୍ତ ମୁଖାର୍ଜୀ ଓ ରୁନୁ ମହାନ୍ତି ପ୍ରମୁଖଙ୍କ ସାଙ୍ଗକୁ ‘ସାମ୍ପ୍ରତିକୀ’ରେ ଅଛନ୍ତି ବିଜୟ କେତନ ପଟ୍ଟନାୟକ; ପୁସ୍ତକ ସମୀକ୍ଷାରେ ଭାସ୍କର ପରିଚ୍ଛା, ସୁଧା ଦାଶ ଓ ସୂର୍ଯ୍ୟ ମିଶ୍ର। ଦିବଂଗତ ରାଜନେତା ଯଦୁନାଥ ଦାଶ ମହାପାତ୍ରଙ୍କ ଉପରେ ସମ୍ପାଦକୀୟ ଲେଖିଛନ୍ତି ପ୍ରସନ୍ନ କୁମାର ପାଟ୍ଟଶାଣୀ ଓ ‘ମିତୁ’ ଉପରେ ଶଶାଙ୍କ ଚୂଡ଼ାମଣି।

## କଥାକଥା କବିତାକବିତା

**ସମ୍ପାଦକ: ଅକ୍ଷୟ ବେହେରା**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**୧/୮ ଡିମାଇ, ପୃ: ୩୬୮, ମୂଲ୍ୟ: ଟ.୯୦/-**

‘ବାଲୁକା କଳାରେ ଶ୍ରୀଜଗନ୍ନାଥ’, ତୁଳସୀ ଅର୍ପିତ- ପ୍ରଚ୍ଛଦ। ବିଶ୍ୱ ଗବାକ୍ଷ, ବିସ୍ମୃତି ଗର୍ଭରୁ, ଆମ ସମୟର ପ୍ରବନ୍ଧ, ସୃଜନାୟନ, କବିତା ଘର, ଆମ ସମୟର କଥା, ଅନୁବାଦ କଥା, ସୃଜନ ଆଳାପ, ଆମ ସମୟର ପ୍ରବନ୍ଧ, ଗୀତି କବିତା, ପୁସ୍ତକ ଆଲୋଚନା ଓ ପାଠକ ଦରବାର ପ୍ରଭୃତି ବହୁ ବିଭାଗରେ ପତ୍ରିକାଟି ସମୃଦ୍ଧ। ଓଡ଼ିଆ ସାହିତ୍ୟ ସାଙ୍ଗକୁ ଭାରତୀୟ ଓ ବିଶ୍ୱ ସାହିତ୍ୟର ବହୁ ଅମୂଲ୍ୟ କୃତି ସମ୍ପର୍କରେ ପାଠକେ ଏଥିରୁ ନାନା ଉପାଦେୟ ପସଙ୍ଗର ସୂଚନା ପାଇବେ।

## ସାହିତ୍ୟ ଦର୍ପଣ

**ସମ୍ପାଦକ: ବିମଳ ପତି**
**ହରିଦାସପୁର, ଯାଜପୁର**
**ଏ/୪ ଡିମାଇ, ପୃ:୨୧୨, ମୂଲ୍ୟ: ଟ.୧୦୦/-**

ପ୍ରଚ୍ଛଦରେ କଳାତ୍ମକତା ବାରିହୋଇ ପଡ଼େ। ପ୍ରବନ୍ଧରେ ଭରତ ବେହେରା, ଦିଲ୍ଲୀପ କୁମାର ସ୍ୱାଇଁ, ବିଧୁପ୍ରଭା ରଥ, ପଲ୍ଲିଶ୍ରୀ ପଟ୍ଟନାୟକ; କବିତାରେ ବଂଶୀଧର ଷଡ଼ଙ୍ଗୀ, ଅଭୟ ନାୟକ, ମୁକୁଳ ମିଶ୍ର, ନାରାୟଣ ପଣ୍ଡା, ବୀଣାପାଣି ପଣ୍ଡା; ଗଳ୍ପରେ ପାରମିତା ଷଡ଼ଙ୍ଗୀ, ପୁଷ୍ପାଞ୍ଜଳି କର, ଅଙ୍ଗୁରବାଳା ପରିଡ଼ା; ଅନୁବାଦରେ ସୂର୍ଯ୍ୟମଣି ଖୁଣ୍ଟିଆ ଓ ନିରଞ୍ଜନ ଜେନାଙ୍କ ଲେଖା ସ୍ଥାନ ପାଇଛି।

## ବନଫୁଲ

**ସମ୍ପାଦକ: ରତ୍ନାକର ନାୟକ**
**ରାଜନଗର, କେନ୍ଦ୍ରାପଡ଼ା**
**ଏ/୮ ଡିମାଇ, ପୃ:୨୦୨, ମୂଲ୍ୟ: ଟ.୭୦/-**

ପ୍ରଚ୍ଛଦରେ ନାରୀର ହାତଟିକି ଅଭୟ ମୁଦ୍ରାରେ ଉତ୍‌ଥିତ। ଭାବିତ କରାଏ ନାନାଭାବେ ପାଠକକୁ। ପ୍ରିୟ ଗପରେ ଅଚ୍ୟୁତାନନ୍ଦ ପତିଙ୍କ ‘ଅଶୁଭ ପୁତ୍ରର କାହାଣୀ’। ଗଳ୍ପରେ ଅନିଲ କୁମାର ପାଢ଼ୀ, ମମତାମୟୀ ଚୌଧୁରୀ, ରବି ସ୍ୱାଇଁ, କବିତା ବାରିକ ଓ ମୃଣାଳ; କବିତାରେ ଶ୍ରୀନିବାସ ଉଦ୍‌ଗାତା, ସେନାପତି ପ୍ରଦ୍ୟୁମ୍ନ କେଶରୀ, କୁମାର ହସନ୍, ଅକ୍ଷୟ ବେହେରା, ରମେଶ ପତି ଓ ପ୍ରତିଭା ପରିଡ଼ା; ଅନୁବାଦରେ ଯୁଗଳ କିଶୋର ଦତ୍ତ ଓ ବିଜୟ କୁମାର ପ୍ରଧାନ ସ୍ଥାନିତ।

## ପଲକ

**ସମ୍ପାଦକ: ଶଶିକାନ୍ତ ଦାସ**
**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ଏ/୪ ଡିମାଇ, ପୃ:୧୮୮, ମୂଲ୍ୟ: ଟ.୫୦/-**

ଗଳ୍ପରେ ବିଷ୍ଣୁ ସାହୁ, ଭୂପେନ୍ ମହାପାତ୍ର, ରଞ୍ଜନ ସାହୁ; କବିତାରେ ନୀଳାଦ୍ରିଭୂଷଣ ହରିଚନ୍ଦନ, ହେମନ୍ତ କୁମାର ରାଉତ, ପୀତାମ୍ବର ତରାଇ, ଅମିୟ ରଞ୍ଜନ ମହାପାତ୍ର ଓ ବିଷ୍ଣୁ ସେଠୀ ପ୍ରମୁଖ ସ୍ଥାନିତ। ଏଥିସହିତ ସ୍ଥାନ ପାଇଛି ଅନୁବାଦ ସାହିତ୍ୟ ଓ ପୁସ୍ତକ ସମୀକ୍ଷା। ପ୍ରଚ୍ଛଦ ସୂଚନାତ୍ମକ।

## ଭିଜାମାଟି

**ସମ୍ପାଦିକା: ଚିନ୍ମୟୀ ଷଡ଼ଙ୍ଗୀ**
**କଳିଙ୍ଗ ବିହାର, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ: ୨୦୮, ମୂଲ୍ୟ: ଟ. ୭୦/-**

ଗୋଟିଏ ବନ୍ଧମୁଠି ନାରୀର, ପ୍ରଚ୍ଛଦରେ ଦିଏ ବିଚାରର ଅନେକ ଇସାରା। ସମ୍ପାଦକୀୟଟି ମା’କୁ ନେଇ ବେଶ୍ ଅଭିନବ। ପ୍ରବନ୍ଧ, ଗଳ୍ପ, ଅନୁବାଦ, ନାଟକ ଓ କବିତା ଭଳି ପାରମ୍ପରିକ ବିଭାଗକୁ ନେଇ ପତ୍ରିକାଟି ପରିକଳ୍ପିତ ହୋଇଥିଲେ ବି ନାନା ଦିଶାର ସର୍ଜନାତ୍ମକ ଲେଖା ଏଥିରେ ସ୍ଥାନ ପାଇଛି। ଜଣାଶୁଣା ଲେଖକଙ୍କ ମଧ୍ୟରେ ଅଛନ୍ତି ଫନୀ ମହାନ୍ତି, ବିଭୁ ପାଢ଼ୀ, ଗିରିଜା କୁମାର ବଳିୟାରସିଂହ ଓ ଦୁର୍ଗାଚରଣ ଷଡ଼ଙ୍ଗୀ ପ୍ରମୁଖ।

## ଆଗାମୀ ଶତାବ୍ଦୀ

**ସମ୍ପାଦକ: ସେକ୍ ମତଲୁବ୍ ଅଲି**
**ମଧୁସୂଦନ ନଗର, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ:୧୨୮, ମୂଲ୍ୟ: ଟ.୨୫/-**

ଦେବୀ ଦୁର୍ଗାଙ୍କର ଏକ ପ୍ରାଚୀନ ପ୍ରସ୍ତର ମୂର୍ତ୍ତି ପ୍ରଚ୍ଛଦ। କାହାଣୀରେ ଅଛନ୍ତି ମନୋଜ ଦାସ, ମୀନାକ୍ଷୀ ଦେବୀ, ମାନସୀ ଦାସ ଓ ଗିରୀଶ ସାହୁ; କବିତାରେ ଅୟସ୍‌କାନ୍ତ, ରାଜକିଶୋର ପାଢ଼ୀ, ହୃଷୀକେଶ ମଲ୍ଲିକ, ପିନାକୀ ସିଂହ ଓ ଗାୟତ୍ରୀବାଳା ପଣ୍ଡା ପ୍ରମୁଖ। ନିବନ୍ଧ ଲେଖିଛନ୍ତି ଅରବିନ୍ଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଭୂୟାଁ, ବିଜୟ କୁମାର ଶତପଥୀ ଓ ଶେଷକଥା ଲେଖିଛନ୍ତି ସେକ୍ ମତଲୁବ୍ ଅଲି।

## ଚନ୍ଦନଧାରା

**ସମ୍ପାଦକ: ଏମ୍. ହିମାଂଶୁ ଆଚାରୀ**
**ନୂଆପଲ୍ଲୀ, ଭୁବନେଶ୍ୱର**
**ଏ/୪ ଡିମାଇ, ପୃ: ୧୫୨, ମୂଲ୍ୟ: ଟ.୮୦/-**

ପ୍ରବନ୍ଧ, ଗଳ୍ପ, କବିତା, ପୁସ୍ତକ ସମୀକ୍ଷା ଓ ସାକ୍ଷାତ୍‌କାର ପ୍ରଭୃତି ବିଭାଗରେ ବହୁ ଲେଖକଙ୍କ ଲେଖା ସ୍ଥାନିତ; ଯହିଁରେ ଅଛନ୍ତି ଲଳିତ ମୋହନ ପଟ୍ଟନାୟକ, ରବି ପଣ୍ଡା, ଦେବାଶିଷ ସାମନ୍ତରାୟ, କେଦାର ମିଶ୍ର, ଶକ୍ତି ମହାନ୍ତି, ସୁରେଶ ସାଗର ଓ ପ୍ରତୀକ୍ଷା ଜେନା ପ୍ରମୁଖ।

## ଯୁଗଶ୍ରୀ ଯୁଗନାରୀ

**ସମ୍ପାଦିକା: ମମତା ମହାପାତ୍ର**
**ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର**
**ଏ/୪ ଡିମାଇ, ପୃ: ୨୫୬, ମୂଲ୍ୟ: ଟ.୮୦/-**

ଗାଳ୍ପିକା ଇନ୍ଦିରା ଦାଶଙ୍କୁ ନେଇ ପ୍ରଚ୍ଛଦ-ବ୍ୟତିକ୍ରମୀ ଚିନ୍ତାଧାରାର ସୂଚନା ଦିଏ। ସାକ୍ଷାତ୍‌କାର, ବିଶେଷ ଆଲେଖ୍ୟ, ପ୍ରବନ୍ଧ, ଗଳ୍ପ, ଅନୁବାଦ ଓ କବିତା ଆଦି ବହୁ ବିଭାଗରେ ବିଶିଷ୍ଟ ଓ ନବୀନ ଲେଖକମାନେ ଲେଖିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ବିମଳ ପ୍ରସନ୍ନ ଦାସ, ମନୀନ୍ଦ୍ର ମହାନ୍ତି, ପ୍ରହ୍ଲାଦ ଚରଣ ମହାନ୍ତି, ରମାକାନ୍ତ ବେହେରା, ରବୀନ୍ଦ୍ର କୁମାର ଦାସ ଓ ଅରବିନ୍ଦ ଗିରି ପ୍ରମୁଖ।